

୨/୨/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୭୨,୫୨୬/- ସୁନା: ୦୪.୮୦୦ ଗ୍ରାମ୍ ରୁପା: ୦୭.୨୦୦ ଗ୍ରାମ୍



## ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର
# ୨କୋଟିରୁ ଊର୍ଦ୍ଧ୍ୱ କାରବାର



**ପୁରୀ, ୨।୨(ସମିସ):** ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାରର ଶୁକ୍ରବାର ଥିଲା ନବମ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଅତିଥିଭାବେ ଯୋଗଦେଇଥିଲେ ଶ୍ରୀଜଗନ୍ନାଥ ମନ୍ଦିରର ପୂର୍ବତନ ଉପ ପ୍ରଶାସକ ଡ. ଭାସ୍କର ମିଶ୍ର, ଭାରତ ସରକାରଙ୍କ କତା ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ସୁନୀଲ କୁମାର। ସଭାରେ ସଭାପତିତ୍ୱ କରିଥିଲେ ସମ୍ପାଦକ ରାଜେଶ କୁମାର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ କାନୁନଗୋ ଓ ଦାମୋଦର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ବଜାରରେ ଦିନକୁ ଦିନ ଦେଖଣାହାରୀଙ୍କ ଗହଳି ହେଉଥିବା ବେଳେ ଭଲ ବିକ୍ରୟ ବଟା ହେଉଛି। ଶନିବାର ଏହାର ଶେଷ ସନ୍ଧ୍ୟା ଥିବାବେଳେ ଶୁକ୍ରବାର ସୁଦ୍ଧା ପ୍ରାୟ ୨ କୋଟି ଟଙ୍କାର କାରବାର ହୋଇଥିବା ସମ୍ପାଦକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ତେବେ ନବମ ସନ୍ଧ୍ୟାରେ ପୁରୀର ଶିଳ୍ପୀ ଏଣ୍ଟରଟେନମେଣ୍ଟ ଅନୁଷ୍ଠାନର କଳାକାରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜଗା ଦର୍ଶନରେ ସେବାୟତ ବାଧକ
# ଭଲଭାବେ ଦର୍ଶନ କରିପାରୁନାହାନ୍ତି ଭକ୍ତ

**ପୁରୀ, ୨।୨(ସମିସ)**



ମହାପ୍ରଭୁଙ୍କ ଦର୍ଶନ ପାଇଁ କାହିଁ କେତେଦୂରରୁ ଭକ୍ତମାନେ ଛୁଟି ଆସିଥାନ୍ତି ଶ୍ରୀକ୍ଷେତ୍ର ପୁରୀକୁ। ଶ୍ରୀମନ୍ଦିର ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ ଏବଂ ନିଜ ମନ କଥା ଜଣାଇବେ। ଚକାଆଖି ସହ ଆଖି ମିଶାଇ ପରିବାରର ଶୁଭ ମନାସିବେ। ଏମିତି ଭାବ ଭକ୍ତିକୁ ସାଥୀରେ ଧରି ଅନେକ ଘାତ ପ୍ରତିଘାତ ଦେଇ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ହେଲେ ଅନେକ ଭକ୍ତ ଠାକୁରଙ୍କୁ ଭଲ ଭାବେ ଦର୍ଶନ କରିପାରୁ ନାହାନ୍ତି। ସୀମିତ ସମୟ ପାଇଁ ଥିବା ସୁଯୋଗ କେତେବେଳେ ଯେ ଚାଲିଯାଏ ଜାଣିବା ପୂର୍ବରୁ ଭିଡ଼ ଭିତରେ ସେମାନେ ବାହାରକୁ ପଳାଇ ଆସନ୍ତି। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରି ନ ପାରିବା କାରଣ ହେଉଛନ୍ତି କିଛି ହାତଗଣତି ସେବାୟତ। ଅର୍ଥାତ୍ ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନରେ ଅନେକ ସମୟରେ ବାଧକ ସାଜନ୍ତି। ସେମାନେ ଠାକୁରଙ୍କ ସମ୍ମୁଖରେ ଛିଡା ହେଉଥିବାରୁ ଶ୍ରଦ୍ଧାଳୁମାନେ ଭଲ ଭାବେ ଦର୍ଶନ ନ ପାଇଁ ମନ ଦୁଃଖରେ ଫେରିଥାନ୍ତି।

ମହାପ୍ରଭୁଙ୍କ ଦର୍ଶନ ପାଇଁ ଏବେ ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ବଢ଼ିଛି। ପରିକ୍ରମା ପ୍ରକଳ୍ପ ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ତେଣୁ ପ୍ରତିଦିନ ପ୍ରାୟ ଲକ୍ଷେ ପାଖାପାଖି ଭକ୍ତ ଶ୍ରୀମନ୍ଦିର ଆସୁଛନ୍ତି। ଛୁଟିଦିନ ଏବଂ ବିଭିନ୍ନ ପର୍ବପର୍ବାଣୀରେ ଏହି ସଂଖ୍ୟା ଲକ୍ଷ ଟପିଯାଉଛି। ତେବେ ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ତା' ଉପରେ ବିଶେଷ ଗୁରୁତ୍ୱ ଦେଇଆସୁଛି ପ୍ରଶାସନ। ତେଣୁ ଶୃଙ୍ଖଳିତ ଭିଡ଼ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ଭକ୍ତଙ୍କୁ ନାଟମଣ୍ଡପ ଏବଂ ଭିତରକାଠ ନିକଟକୁ ଦଫା ଦଫା କରି ଛଡାଯାଉଛି। ତେବେ ବାହାର କାଠ ଦର୍ଶନ ବେଳେ ଦାରୁବିଗ୍ରହ ଭଲ ଭାବେ ଦେଖାଯାନ୍ତି ନାହିଁ। କିନ୍ତୁ ଭିତରକାଠ ଦର୍ଶନ ସମୟରେ ଚତୁର୍ଦ୍ଧାବିଗ୍ରହଙ୍କୁ ଭଲ ଭାବେ ଦର୍ଶନ କରିବେ ବୋଲି ଆଶା ରଖିଥାନ୍ତି ଶ୍ରଦ୍ଧାଳୁ। ଭିତରକାଠ ଦର୍ଶନ ସମୟରେ ଭକ୍ତମାନେ ଜୟ ବିଜୟ ଦ୍ୱାର ଦେଇ ଜଗମୋହନକୁ ଯାଇଥାନ୍ତି। ହେଲେ ଭିତରକାଠରୁ ବି ଠିକ୍ ଭାବେ ଅନେକ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିପାରୁ ନାହାନ୍ତି। କାରଣ ଭିତରକାଠ ଏକ ସୀମିତ ଜାଗା। ଏଠାରେ ସବୁ ସମୟରେ ଗହଳି ହୋଇଥାଏ। ତେଣୁ ଭକ୍ତ ଅଧିକ ସମୟ ଠିଆ ହେଲେ ଭିଡ଼ ଅଧିକ ହେବା ସମ୍ଭାବନା ଥିବାରୁ ସୁରକ୍ଷା କର୍ମୀମାନେ ଚାଲ ଚାଲ କହି ଶ୍ରଦ୍ଧାଳୁଙ୍କୁ ବାହାରକୁ ବାହାର କରିଦିଅନ୍ତି। ଶ୍ରଦ୍ଧାଳୁମାନେ ଠିଆ ହେବାକୁ ପ୍ରାୟ ସମୟ ପାଆନ୍ତି ନାହିଁ। ତେଣୁ ସେହି ସୀମିତ ସମୟ ମଧ୍ୟରେ ରତ୍ନସିଂହାସନରେ ବିରାଜିତ ଠାକୁରଙ୍କୁ ଟିକିଏ ଆଖି ପୂରେଇ ଦେଖିବା ଲାଗି ସମସ୍ତଙ୍କ ମନ ବ୍ୟାକୁଳ ହେଉଥାଏ। କଣେଇ ବଙ୍କେଇ ଦର୍ଶନ ପାଇଁ ଭକ୍ତଟିଏ ଚେଷ୍ଟା କରିଥାଏ। ହେଲେ ଏଭଳି ଦର୍ଶନରେ ବାଧକ ସାଜୁଛନ୍ତି କିଛି ସେବାୟତ।

ଭିତରକାଠରେ ପଡ଼ିଥିବା ବ୍ୟାରିକେଡ ଅପର ପାର୍ଶ୍ୱରେ ସଂଖ୍ୟାଧିକ ସେବାୟତ ଠିଆ ହୋଇ ରହୁଛନ୍ତି। ନିୟମ ଅନୁଯାୟୀ, ସୁଆରବଡ୍ଡୁ, ପତ୍ରୀବଡ୍ଡୁ, ଖୁଣ୍ଟିଆ, ମେକାପ ଆଦି ନିଯୋଗରୁ ଜଣେ ଲେଖାଏ ରହିବା କଥା। କିନ୍ତୁ ଏମାନେ ଅଧିକ ରହୁଛନ୍ତି। ସମ୍ମୁଖ ଭାଗରେ ଆଡ କରି ଛିଡା ହେଉଥିବାରୁ ଭକ୍ତମାନେ ଠାକୁରଙ୍କୁ ଦେଖିପାରୁ ନ ଥିବା ଅଭିଯୋଗ ହେଉଛି। ଏହି ସେବାୟତମାନେ ଭକ୍ତମାନଙ୍କଠାରୁ ବିଭିନ୍ନ ଉପାୟରେ ଦାନ ଦକ୍ଷିଣା ଆଦାୟ କରୁଛନ୍ତି। ଠାକୁରଙ୍କ ତୁଳସୀ, ଫୁଲ ଆଦି ପ୍ରଦାନ କରି ଦକ୍ଷିଣା ନେଉଛନ୍ତି। ପିଣ୍ଡିକା ଅର୍ଥ ବି ଆଦାୟ କରୁଛନ୍ତି। ହେଲେ ଏଥିପାଇଁ ଯେ, ଭକ୍ତଟିଏ ଠାକୁରଙ୍କୁ ଭଲ ଭାବେ ଦର୍ଶନ କରିପାରୁ ନାହିଁ ତା' ଉପରେ କିନ୍ତୁ ସେବାୟତଙ୍କ ଧ୍ୟାନ ରହୁନାହିଁ।

ଭିତରେ ଠାକୁରଙ୍କ ଦର୍ଶନରେ ଭୋଗୁଥିବା ଅସୁବିଧାକୁ ପ୍ରାୟ ଭକ୍ତ କେହି ବାହାର ପ୍ରକାଶ କରିପାରୁ ନାହାନ୍ତି। ବେଢ଼ା ପରିସର ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରି ମନ ଦୁଃଖରେ ଫେରିଯାଉଛନ୍ତି। ଅନେକ ଭକ୍ତ ବି ବାହାରେ କ୍ଷୋଭ ପ୍ରକାଶ କରୁଛନ୍ତି। ଗୁରୁବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ନୟାଗଡ଼ ଇଟାମାଟିର ରାଧେଶ୍ୟାମ ସାହୁ କହିଛନ୍ତି, ଭିତରକାଠ ସମ୍ମୁଖ ଭାଗରେ ଅଧିକ ସେବାୟତ ଛିଡା ହୋଇଥିଲେ। ଭିଡ଼ ଥିବାରୁ ସୁରକ୍ଷା କର୍ମୀ ବି ଭିତରକାଠରେ ଅଧିକ ସମୟ ଛିଡା କରାଇ ଦେଉ ନ ଥିଲେ। ଚାଲ ଚାଲ କହି ବାହାରକୁ ବାହାର କରିବାକୁ ଚେଷ୍ଟା କରୁଥିଲେ। ହେଲେ ସମ୍ମୁଖରେ ସେବାୟତ ଠିଆ ହୋଇଥିବାରୁ ଠାକୁରଙ୍କୁ ଭଲ ଭାବେ ଦର୍ଶନ କରି ହେଲା ନାହିଁ। ସେବକମାନେ ଯଦି ଆଗରେ ଆଡ କରି ଠିଆ ନ ହୁଅନ୍ତେ ଦର୍ଶନାର୍ଥୀ ଠିକ୍ ଭାବେ ଠାକୁରଙ୍କ ଦର୍ଶନ କରିପାରନ୍ତେ। ଏହାକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତର ସହ ନେବା ଦରକାର ବୋଲି ରାଧଶ୍ୟାମ କହିଛନ୍ତି।

## ସିଏମ୍ଏଫଆରଆଇର ପ୍ରତିଷ୍ଠା ଦିବସ
# ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ମାଛ ପ୍ରଦର୍ଶିତ





**ପୁରୀ, ୨।୨(ସମିସ)**

କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଗବେଷଣା ଅନୁଷ୍ଠାନ (ସିଏମ୍ଏଫ୍ଆରଆଇ)ର ୭୭ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପୁରୀସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ ଏବଂ ଅନ୍ୟାନ୍ୟ ଜୀବଙ୍କୁ ନେଇ ଏକ ପ୍ରଦର୍ଶନୀ କରାଯାଇଥିଲା। ବିଶେଷକରି ଛାତ୍ରଛାତ୍ରୀ, ମତ୍ସ୍ୟ ଅଧିକାରୀ, ଗବେଷଣାକାରୀ ପ୍ରମୁଖ ଏହାକୁ ବୁଲି ଦେଖିଥିଲେ। ଏଥିରେ ୧୦୦ରୁ ଅଧିକ ଶେଲ୍ ଫିସ୍, ବିଭିନ୍ନ ପ୍ରଜାତିର ସାର୍କ, ଗିଟାର୍ ଫିସ୍, ସେଲ୍ଫ ଫିସ୍ (ଚିଙ୍ଗୁଡ଼ି, କ୍ରାବ୍ ଏବଂ ଲବଷ୍ଟର୍), ଅକ୍ଟୋପସ୍, ଜେଲି ମାଛ ପ୍ରଜାତିଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। କେତେକ ଫାର୍ମରୁ ସଂଗୃହୀତ କଙ୍କଡ଼ା ମଧ୍ୟ ଏଥିରେ ରଖାଯାଇଥିଲା। ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ଆକର୍ଷିତ କରିବା ପାଇଁ ଉଭୟ ସାମୁଦ୍ରିକ ଏବଂ ମଧୁର ଜଳ ଜୀବନ୍ତ ମାଛ ବିଭିନ୍ନ ଆକ୍ୱାରିୟମରେ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଗୋଟିଏ ଜାଗାରେ ଏତେ ପ୍ରକାର ମାଛ ଦେଖି ବେଶ୍ ଖୁସି ହୋଇଯାଇଥିଲେ। ତେବେ ସେମାନେ ଏତେ ପ୍ରଜାତିର ମାଛ କେବେ ଦେଖି ନ ଥିଲେ ବୋଲି କହିଥିଲେ। ଏହି ଅବସରରେ ବିରଳ ପ୍ରଜାତିର ମାଛଙ୍କ ସୁରକ୍ଷା ଦିଗରେ ସଚେତନ କରାଯାଇଥିଲା। ଏ ସମ୍ପର୍କରେ ବରିଷ୍ଠ ବୈଜ୍ଞାନିକ ଡ. ସ୍ୱାତିପ୍ରିୟଙ୍କା ସେନ୍ କହିଥିଲେ ଯେ, ଏହି ପ୍ରଦର୍ଶନୀ ଦ୍ୱାରା ଓଡ଼ିଶାରେ କେଉଁ ମାଛ ଉପରେ କ'ଣ ଗବେଷଣା କରାଯାଉଛି, ମତ୍ସ୍ୟଜୀବୀମାନେ କିପରି ଲାଭ ପାଇବେ ସେ ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ ମତ୍ସ୍ୟଜୀବମାନେ ଜାଣପାରିବେ। ସମସ୍ତେ କହୁଛନ୍ତି ଏବେ ମାଛଙ୍କ ସଂଖ୍ୟା କମିଯାଉଛି। ବାସ୍ତବରେ କେଉଁ ପ୍ରଜାତିର ମାଛ କମୁଛନ୍ତି ଏବଂ କାହିଁକି କମୁଛନ୍ତି। ଏମାନଙ୍କର କିପରି ସଂରକ୍ଷଣ କରାଯାଇପାରିବ ସେ ବିଷୟରେ ସଚେତନ କରାଯିବ। ସାର୍କର କିଛି ପ୍ରଜାତି ସଂଖ୍ୟା କମିଗଲାଣି। ଏମାନଙ୍କୁ କିପରି ସଂଖ୍ୟା ବଢ଼ାଯାଇପାରିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ବନ୍ୟପ୍ରାଣୀ ଆଇନ ୧୯୭୨ରେ ଯେଉଁମାନଙ୍କୁ ଧରିବା ମନା ସେହି ସାମୁଦ୍ରିକ ମାଛକୁ କିପରି ମତ୍ସ୍ୟଜୀବୀ ନ ଧରିବେ ସେଥିଲାଗି ବିଭିନ୍ନ ସମୟରେ ସେମାନଙ୍କୁ ସଚେତନ କରାଯାଉଛି। ଆଗକୁ ମାର୍ଚ୍ଚ ମାସରେ ଏହିଭଳି ଏକ କର୍ମଶାଳା ଆୟୋଜନ କରାଯିବ ବୋଲି ଡ. ସେନ୍ କହିଛନ୍ତି। ଏହି ଅବସରରେ ବୈଜ୍ଞାନିକ ରାଜେଶ କୁମାର ପ୍ରଧାନ ସାମୁଦ୍ରିକ ସମ୍ପଦର ନିରନ୍ତର ଅମଳ ବିଷୟରେ ମତ୍ସ୍ୟଜୀବୀ ଏବଂ କୃଷକଙ୍କ ସହ କଥାବାର୍ତ୍ତା କରିଥିଲେ।

## ଆଜିଠୁ ଦୁଇଦିନିଆ ରୂପକ ମହୋତ୍ସବ

**ପୁରୀ, ୨।୨(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଶନିବାରଠାରୁ ଦୁଇଦିନିଆ ରୂପକ ମହୋତ୍ସବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡିଙ୍କ ପୃଷ୍ଠପୋଷକରେ ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହେବ। ଏହି ଆନ୍ତଃରାଜ୍ୟ ନାଟ୍ୟ ପ୍ରତିଯୋଗିତାରେ ୭ଟି ନାଟ୍ୟଦଳ ନାଟକ ପରିବେଷଣ କରିବେ। ତନ୍ମଧ୍ୟରୁ ଆର୍ଯ୍ୟ ଦେଶପାଣ୍ଡେ ଭାରତ ନାଟ୍ୟମ, ଦି କ୍ୟାର୍, ସୁନ୍ଦରଗଡ଼ ଜୟଦେବ ଚରିତମ, ମହର୍ଷି ପତଞ୍ଜଳି ସଂସ୍କୃତ ସଂସ୍ଥାନମ ବିଦ୍ୱତ୍ତମ, କଲ୍ଲିକୋଟ ଆଦର୍ଶ ସଂସ୍କୃତ ବିଦ୍ୟାପୀଠ, କେରଳ ଭାଗାଭାଜାକାମ୍, ଭାଷା ଏକାଡେମୀ କେରଳ କର୍ଣ୍ଣ ଭରମ, ଶ୍ରୀଭଗବାନ ଦାସ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ହରିଦ୍ୱାର ମର୍ତ୍ତ୍ୟଚରିତମ ଏବଂ ଶ୍ରୀ ସଦାଶିବ ପରିସରର ଅଧ୍ୟାୟୀମାନଙ୍କ ଦ୍ୱାରା ସଂସ୍କାର ଚରିତମ ମଞ୍ଚସ୍ଥ ହେବ। ଏଥିରେ ଅତିଥି ବିଚାରକ ଭାବେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମର ପରିଚାଳନା କମିଟିରେ ପ୍ରଫେସର ଲଳିତ କୁମାର ସାହୁ, ଦୁର୍ଗା ପ୍ରସାଦ ଦାସମହାପାତ୍ର, ବିଶ୍ୱନାଥ ମିଶ୍ର, ଡ. ସ୍ୱାଗତିକା ମହାନ୍ତି ରହିଥିବା ପ୍ରକଳ୍ପ ନିର୍ଦ୍ଦେଶକ ଡ. ଧର୍ମେନ୍ଦ୍ର କୁମାର ସିଂହଦେଓ ସୂଚନା ଦେଇଛନ୍ତି।

## ରାଜଭାଷା ସମ୍ମିଳନୀ ଉଦ୍‌ଘାଟିତ

**ପୁରୀ, ୨।୨(ସମିସ):** ଭାରତର ଅଗ୍ରଣୀ ଜଳ ବିଦ୍ୟୁତ ଉଦ୍ୟୋଗ ଏନ୍ଏଚ୍‌ପିସି ଦ୍ୱାରା ପୁରୀରେ ଆୟୋଜିତ ତ୍ରିଦିବସୀୟ ରାଜଭାଷା ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଓମ୍ ଲିଜର୍ ରିସର୍ଟଠାରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟଅତିଥି ବିଶିଷ୍ଟ ଲେଖକ ତଥା ଉତ୍ତର ପୂର୍ବାଞ୍ଚଳ ପରିଷଦର ପ୍ରାକ୍ତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏନ୍ଏଚ୍‌ପିସିର ପ୍ରବନ୍ଧ ନିର୍ଦ୍ଦେଶକ ପ୍ରିୟରଞ୍ଜନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜଭାଷା ପ୍ରବନ୍ଧକ ନିର୍ମଳ କୁମାର ମଣ୍ଡଳ ସଂଯୋଜନା କରିଥିଲାବେଳେ ଉପପ୍ରବନ୍ଧକ ଶୈଳେଶ୍ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ତ୍ରିଦିବସୀୟ ସମ୍ମିଳନୀରେ ଓଡ଼ିଶା ତଥା ଭାରତର ବହୁ ବିଶିଷ୍ଟ ରାଜଭାଷା ବିଶେଷଜ୍ଞମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ଉତ୍ସବରେ ଏନ୍ଏଚ୍‌ପିସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଯୋଗଦେବେ। ଏନ୍ଏଚ୍‌ପିସି ଭାରତ ସରକାରଙ୍କର ଏକ ବିଶିଷ୍ଟ ଜଳବିଦ୍ୟୁତ୍ କମ୍ପାନୀ ଭାବେ ରାଜଭାଷାର କାର୍ଯ୍ୟାନ୍ୱୟନ ପାଇଁ ଦଶଥର ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଛି।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ
# ପୁରୀରୁ ଯୋଗଦେବେ ଡ. ଭାସ୍କର ମିଶ୍ର ଓ ବଦ୍ରି ମିଶ୍ର

**ପୁରୀ, ୨।୨(ସମିସ):** ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିମନ୍ତ୍ରଣ କ୍ରମେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ଏଥିରେ ପୁରୀରୁ ବରିଷ୍ଠ ଗବେଷକ ଡ. ଭାସ୍କର ମିଶ୍ର ଏବଂ ଗୀତିକାର ତଥା କବି ବଦ୍ରି ମିଶ୍ର ଯୋଗଦେବେ। ଶନିବାର ଜନତା ମଇଦାନରେ ଜଗନ୍ନାଥ ସଂସ୍କୃତି ଉପରେ ବରିଷ୍ଠ ଗବେଷକ ଡ. ଭାସ୍କର ମିଶ୍ର ତାଙ୍କର ବକ୍ତବ୍ୟ ରଖିବେ। ସେହିପରି କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଆ ଭାଷା ସାହିତ୍ୟରେ ଗୀତିକବିତା ଆଲୋଚନାରେ ଗୀତିକାର ଶ୍ରୀମିଶ୍ର ବକ୍ତବ୍ୟ ରଖିବେ ବୋଲି ଜଣାପଡ଼ିଛି।

## ଦୁଇ କାର୍ ମୁହାଁମୁହିଁ: ଜଣେ ମୃତ, ୧୨ ଆହତ

**ପୁରୀ, ୨।୨(ସମିସ):** ମେରାଇନ ଡ୍ରାଇଭ ରାସ୍ତା ବାଲିଘାଇ ଛକ ନିକଟରେ ୨ କାର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ସହ ୬ ଜଣ ଗଞ୍ଜାମ ଗୋପାଳପୁରର ହୋଇଥିବା ବେଳେ ଅନ୍ୟ ୬ ଜଣ ବିହାରର ବୋଲି ଜଣାପଡ଼ିଛି। ବିହାରର ୬ ଜଣ ପର୍ଯ୍ୟଟକ କୋଣାର୍କ ବୁଲିବା ପାଇଁ କାର୍‌ରେ ଯାଉଥିବା ବେଳେ ଗୋପାଳପୁରର ୭ ଜଣ କୋଣାର୍କ ବୁଲି ପୁରୀ ଫେରୁଥିଲେ। ଅପରାହ୍ଣ ୪ ଟାରେ ବାଲିଘାଇ ଛକ ନିକଟରେ ଦୁଇଟି କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ବିହାର ପର୍ଯ୍ୟଟକଙ୍କ କାର ଓଲଟି ପଡ଼ିବାରୁ ଏଥିରେ ଥିବା ସମସ୍ତେ ଆହତ ହୋଇଥିଲେ। ସେହିପରି ଗୋପାଳପୁରରୁ ଆସିଥିବା ୭ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାମ ଦୁର୍ଗାଦେବୀ (୭୬) ବୋଲି ଜଣାପଡ଼ିଛି। ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ପୁଲିସ ଦୁଇଟି ଗାଡିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।


ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଲକ୍ଷ୍ମୀପ୍ରିୟା ସୁବୁଦ୍ଧି
ବଡରଘୁନାଥପୁର, ଖୋର୍ଦ୍ଧା
ଆବିର୍ଭାବ: ୧୦.୧୨.୧୯୪୨
ତିରୋଧାନ: ୨୩.୦୧.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଟୁଲା, ବୁଲୁ, ଟାଇନ, ଟୁନା, ରାଜା, ଟିକନ, ପୁତ୍ରବଧୂ- ଲିପି, ଟିନୁ, ମିନା, ବବି, ଇନା ଓ ପରିବାରବର୍ଗ


## ଜଙ୍ଗଲବରୀ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

**ନୟାହାଟ, ୨।୨ (ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ନୂଆ ପାଟଣା ଗ୍ରାମରେ ଥିବା ଜଙ୍ଗଲବରୀ ପଞ୍ଚାୟତ କାର୍ଯ୍ୟାଳରୁ ଗୁରୁବାର ବିଳମ୍ବିତ ରାତିରେ ପଞ୍ଚାୟତ ଅଫିସ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଏଲଡି ବଲ ୫ଟା, ଫ୍ୟାନ ଓ କମ୍ପ୍ୟୁଟରର କି ପ୍ୟାଡ ଚୋରି କରି ନେଇଛନ୍ତି ବୋଲି ସରପଞ୍ଚ ପ୍ରଭାତୀ ସାହୁ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ନୂଆ ପାଟଣା ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ଦେଇ ଥିବା ବେଳେ କୌଣସି ଜିନିଷ ନେଇ ନାହାନ୍ତି ବୋଲି ସୂଚନା ମିଳିଛି। ନୟାହାଟ ଫାଣ୍ଡି ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରିବା ପାଇଁ ଭ୍ୟାନ ଗାଡି ନ ଥିବାରୁ ଲୁଟେରାମାନେ ପଇତରା ମାରୁଛନ୍ତି।

## ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଯୋଗଦାନ

ପୁରୀ, ୨।୨(ସମିସ): ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦେବାଶିଷ ପଟ୍ଟନାୟକ ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ପୂର୍ବରୁ ମୁଖ୍ୟ ଉନ୍ନୟନ ଅଧିକାରୀ ଥିବା ଜ୍ୟୋତିଶଙ୍କର ମହାପାତ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ପଟ୍ଟନାୟକ ଖଣି ଓ ଭୂବିଜ୍ଞାନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାସନ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ସେହିପରି ଶ୍ରୀ ମହାପାତ୍ରଙ୍କର ଶ୍ରୀମନ୍ଦିର ପ୍ରଶାସନକୁ ବଦଳି ହୋଇଛି।

## ଆଶା, ଜିକେଏସ୍‌ର ବାର୍ଷିକ ସମ୍ମିଳନୀ
# ସେବା ପାଇଁ ୩ ଆଶାକର୍ମୀ, ୧୧ ଜିକେଏସ୍ ସମ୍ବର୍ଦ୍ଧିତ





**ପୁରୀ, ୨।୨(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶୁକ୍ରବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍ଓ) ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲାବେଳେ ଡା. ବିରଜା ଶଙ୍କର ରଥ, ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଡା. ଲଲାଟେନ୍ଦୁ ମିଶ୍ର, ଆଦ୍ୟାଶା ରଥ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବଳରାମ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଡା. ସୁରମା ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଆଶା ସଂଯୋଜକ ଅଶୋକ କୁମାର ସାହୁ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ଏହାପରେ ଅତିଥିମାନେ ଆଶା ଓ ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ଅତିଥି ଆଶାମାନଙ୍କର କାର୍ଯ୍ୟକୁ ଭୂୟଶୀ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ୩ ଜଣ ଆଶାକର୍ମୀ, ୧୧ଟି ଗାଁ କଲ୍ୟାଣ ସମିତି ଏବଂ ୨୫ଟି ମହିଳା ଆରୋଗ୍ୟ ସମିତିକୁ ଅର୍ଥରାଶି ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଆଶାମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଧାରଣଜ୍ଞାନ ପ୍ରତିଯୋଗିତାର ଉତ୍ତରଦାତାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଟି. ନାରାୟଣ ରାଓ ଏବଂ ଜିଲ୍ଲା ହିସାବ ରକ୍ଷକ ପରିଚାଳକ ବିଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏପିମ୍ ସନ୍ଦୀପ ବରଣ ଓଝା, ଡିଏମ୍ଆରସିଏଚ୍ ପ୍ରଶାନ୍ତ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




### କୋଣାର୍କ କୋର୍ଟ ନିର୍ମାଣ ବିରୁଦ୍ଧରେ ଦ୍ୱିତୀୟ ଜନସ୍ୱାର୍ଥ ମାମଲା ଖାରଜ

# କୋଣାର୍କ କୋର୍ଟ କମ୍ପ୍ଲେକ୍ସ ପାଇଁ ଲଢ଼ିଲେ ସୁପ୍ରିମ୍‌କୋର୍ଟର ୧୦ ଆଇନଜୀବୀ

**କୋଣାର୍କ, ୨।୨(ସମିସ)**



କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ମାଧିପୁର ଛକ ନିକଟରେ କୋଣାର୍କ କୋର୍ଟ କମ୍ପେଲକ୍ସର ନୂତନ ଗୃହ ନିର୍ମାଣ ଲାଗି ଗତ ଫେବୃଆରୀ ୪ତାରିଖରେ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡକ୍ଟର ଏସ୍ ମୁରଲୀଧରନ ଓ ଜଷ୍ଟିସ ଡକ୍ଟର ବି ଆର୍ ଷଡ଼ଙ୍ଗୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ଉକ୍ତ ଦିବସରୁ ମାଧିପୁର୍ ମୌଜାର ୪ଏକର ପରିମିତ ଜମିରେ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ କୋର୍ଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପ୍ରାୟ ୯୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ସରିଆସିଲାଣି।ଉକ୍ତ ଜମି କୋର୍ଟକୁ ହସ୍ତାନ୍ତର ଦିନଠାରୁ କିଛି ବ୍ୟକ୍ତି ଏହାକୁ ବିରୋଧ କରିଆସୁଥିଲେ। ଉକ୍ତ ଜମିରେ କୋର୍ଟ ନ କରାଇ ଦେବା ପାଇଁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ହାଇକୋର୍ଟରେ ବିଭିନ୍ନ କାରଣ ଦର୍ଶାଇ ଚାରିଗୋଟି କେସ ଦାୟର କରିଥଲେ। ଏ ସମସ୍ତ କେସ ଖାରଜ ହେବାପରେ, ଉକ୍ତ ବ୍ୟକ୍ତିମାନେ ପୁନର୍ବାର ସୁପ୍ରିମକୋର୍ଟରେ ଏକ ଅପିଲ କେସ ଦାଖଲ କରିଥିଲେ। ସୁପ୍ରିମକୋର୍ଟରେ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ କେଭି. ବିଶ୍ୱନାଥନ ଗତ ୨୨ ତାରିଖରେ ଏହି କେସର ବିଚାର କରି ଏହାକୁ ଜନସ୍ୱାର୍ଥ ବିରୋଧୀ ଦର୍ଶାଇ ଖାରଜ କରିଦେଇଛନ୍ତି।

ପ୍ରକାଶଥାଉ କି, ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଆବେଦନକାରୀ କରିଥିବା ପ୍ରତ୍ୟେକ କେସରେ କୋଣାର୍କ ବାର ଆସୋସିଏସନ ପକ୍ଷରୁ ସଭାପତି ଶ୍ରୀଜୟ ବରାଳ ପକ୍ଷଭୁକ୍ତ ହୋଇ କୋର୍ଟ ହେବା ସପକ୍ଷରେ ଦୃଢ଼ଯୁକ୍ତି ଉପସ୍ଥାପନ କରିଥଲେ। ସୁପ୍ରିମକୋର୍ଟରେ କୋଣାର୍କ ବାର ପାଇଁ ସ୍ୱତଃପ୍ରବୃତ୍ତ ଭାବେ ସୁରେନ୍ଦ୍ର କୁମାର ପତ୍ରୀ, ସୁଭାଷଚନ୍ଦ୍ର, ରାଜେଶ ରଥ, ମହିନ୍ଦର୍ ସିଂ, ମୋନିକା ସିଂ, ଏସ୍ ଭେଲାଶ୍ରୀ, ହେମନ୍ତ କିଶୋର, ସଲୋନି ସରନ୍, ନୟନ ମାଘୋ ରୋବିନ ଖୋକର୍ ଆଦି ୧୦ ଜଣ ବରିଷ୍ଠ ଆଇନଜୀବୀ ମାମଲା ପରିଚାଳନା କରିଥିବା ବେଳେ ହାଇକୋର୍ଟରେ ଶିବ ଶଙ୍କର ମହାନ୍ତି ମାମଲା ପରିଚାଳନା କରିଥିଲେ। ଏହି ମାମଲା ଖାରଜ ହେବା ଫଳରେ କୋର୍ଟ ନିର୍ମାଣରେ ଆଉ କୌଣସି ବାଧାବିଘ୍ନ ହେବନାହିଁ ବୋଲି ଏକପ୍ରକାର ନିଶ୍ଚିତ ହୋଇଯାଇଛି।ଏଥିପାଇଁ କୋଣାର୍କ ଜନସାଧାରଣଙ୍କ ମଧ୍ୟରେ ଖୁସିର ବାତାବରଣ ଦେଖିବାକୁ ମିଳିଛି। ଆବେଦନକାରୀଙ୍କ ପକ୍ଷରୁ ମିଥ୍ୟା କାରଣ ଦର୍ଶାଯାଇଥିଲା ଯେ ଏହି ଜମିଟି ମାଘମେଳା ଓ କୋଣାର୍କ ଉତ୍ସବ ସମୟରେ ଗାଡ଼ି ପାର୍କିଂ ପାଇଁ ବ୍ୟବହୃତ ହେଉଛି।

## ନୟାହାଟ ପୁଲିସର ଚଢ଼ଉ
# ୧୫ ଶହ ମଦ ବୋତଲ ଜବତ, ୧୫ କୋର୍ଟ ଚାଲାଣ

**ନୟାହାଟ, ୨।୨(ସମିସ):** ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ଗତ କିଛି ଦିନ ହେଲା ନୟାହାଟ ଅଞ୍ଚଳରେ ଚୋରା ମାଦକ ଦ୍ରବ୍ୟ ଉପରେ ତନାଘନା ଚଢ଼ଉ କରି ୧୫ ଶହ ମଦ ବୋତଲ ଜବତ କରିବା ସହିତ ୨୦ ଟି ମାମଲା ରୁଜୁ କରି ୧୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ବିନିଶୁପୁର, ନାଇଟି, ଶିଖର, ବେତେଣ୍ଡା, କଣ୍ଟା ଉପର, ଏହି ସବୁ ନୟାହାଟ ଫାଣ୍ଡି ଅଞ୍ଚଳରେ ହୋଇ ନଥିବାରୁ ତା ଚଡଉ କରାଯାଇ ନାହିଁ ବୋଲି ଫାଣ୍ଡି ଅଧିକାରୀ କୁନାଲ କୁମାର କହିଛନ୍ତି। ଅନ୍ୟପକ୍ଷରେ ପାଣିଛତ୍ର, ଯୋଗେଶ୍ୱରପୁର ଓ ଦେସ୍ତଳୀ ଅଞ୍ଚଳରେ ଚୋରା ମଦ କାରବାର ହେଉ ନ ଥିବା ପୁଲିସ କହୁଥିବା ବେଳେ ଜହ୍ନିମାଳିଆ, ଓଟର ମଦ କାରବାର ହେଉଥିବାରୁ ପୁଲିସର ଚଢ଼ଉ ପରେ ମଦ କାରବାର ବନ୍ଦ ହୋଇଛି ବୋଲି ପୁଲିସ କହିଛନ୍ତି। ବେତେଣ୍ଟା, କଣ୍ଟା ଉପର ଅଞ୍ଚଳରୁ ଚୋରା ଗଞ୍ଜେଇ ଆସୁ ନଥିବା ଜୈନିକ ସମ୍ବାଦପତ୍ର ମିଥ୍ୟା ଖବର ପ୍ରକାଶ କରି ନୟାହାଟ ପୁଲିସକୁ ବଦନାମ କରିବା ଉଦ୍ଦେଶ୍ୟରେ ଖବର ପ୍ରକାଶ ଉପରେ କେତେକ ଶାସକ ଦଳର ରାଜନେତା ପ୍ରକାଶ କରିଛନ୍ତି। ସୂଚନା ଥାଉ ଯେ ନୟାହାଟରେ ଦୁଇଟି ସରକାରୀ ମଦ ଦୋକାନ ଥିବା ବେଳେ ନୟାହାଟ ଅଞ୍ଚଳରେ ମଦ କାରବାର କମିଛି।

# ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ; ଜଣେ ଆହତ

**ନିମାପଡ଼ା, ୨।୨(ସମିସ):** ନିମାପଡ଼ା ଥାନା ଅନ୍ତର୍ଗତ ଶଗଡ଼ା ପଞ୍ଚାୟତ ଚିତ୍ରାଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ଆହତ ହୋଇଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ ଗୁରୁବାର ମଧ୍ୟାହ୍ନରେ ଜୟନ୍ତୀ ଭୋଇ ତାଙ୍କ ସ୍ୱାମୀଙ୍କୁ ଖାଇବାକୁ ଦେଉଥିବା ସମୟରେ ତାଙ୍କ ଦିଅର ତୋଫାନ, ଯାଆ ଲତା ଓ ପୁତୁରା ରାଜା ପୂର୍ବ ଶତ୍ରୁତାକୁ ନେଇ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଜୟନ୍ତୀ ଓ ତାଙ୍କ ସ୍ୱାମୀ ପ୍ରତିବାଦ କରିବାରେ ସେ ତିନି ଜଣଯାକ ମିଶି ଜୟନ୍ତୀ ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସ୍ୱାମୀ ଅଭିମନ୍ୟୁ ଗୁରୁତର ଆହତ ହୋଇ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିନ ଅଛନ୍ତି। ଏନେଇ ଜୟନ୍ତୀ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ନିମାପଡ଼ା ପୁଲିସ ମାମଲା ରୁଜୁକରି ଜୟନ୍ତୀଙ୍କ ଦିଅର ତୋଫାନ ଓ ତାଙ୍କ ପୁଅ ରାଜାକୁ ଗିରଫ କରି କୋର୍ଟ ଚାଲଣ କରଥିବା ଜଣାପଡ଼ିଛି।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**କୃଷ୍ଣପ୍ରସାଦ, ୨।୨(ସମିସ):** ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପିରିଜିପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ଜନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପିରିଜିପୁର ପଞ୍ଚାୟତ ସରପଞ୍ଚ ଙ୍କ ମଳୟ କୁମାର ଜେନାଙ୍କ ସଭାପତିତ୍ୱରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶକୁନ୍ତଳା ଗଡ୍ଡୁ, , ଜିଲ୍ଲା ପରିଷଦ ସନ୍ଦୀପ କୁମାର ଜେନା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତିସଭ୍ୟା ଜାନକୀ ଜେନା, ପଣସପଦା ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ, ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ମାଣିକା ସରପଞ୍ଚ ଜିକୁରୁନ ବିବି, ପିରିଜିପୁର ସମିତିସଭ୍ୟ ସଂଗ୍ରାମ ଜାଲି, ଏମବିକେ ଚନ୍ଦ୍ରକାନ୍ତି ପ୍ରଧାନ, ନୋଡ଼ାଲ ଅଫିସର କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜଲୋଚନ ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ସଚେତନତା ଶିବିରରେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀ ଗୁଡ଼ିକର ରୂପାନ୍ତରିକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ ଉପରେ ସଚେତନ କରାଯାଇଥିଲା। ଏଥିରେ ପଞ୍ଚାୟତର ୭ ଜଣ ସିଆରପି, ୬୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। କୃଷ୍ଣପ୍ରସାଦ ବିଡିଓ ବିଜୟ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ଶିବିର ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିବ ନାରାୟଣ ଭୋଇ, ଉମାକାନ୍ତ ମିଶ୍ର, ଗ୍ରାମ ରୋଜଗାର ସେବକ ସର୍ବେଶ୍ୱର ସାହୁ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ସତ୍ୟବାଦୀ ବାଳିକା ଉଚ୍ଚବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ସାକ୍ଷୀଗୋପାଳ, ୨।୨(ସମିସ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀରେ ସତ୍ୟବାଦୀ ବାଳିକା ଉଚ୍ଚବିଦ୍ୟାଳୟ ଛାତ୍ରୀ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଦୁଇଟି ବର୍ଗରେ ( ଅକାଡେମିକ, ମେରିଟ କମ୍ ମିନିସ୍) ସଫଳତା ହାସଲ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସେହିପରି ଜିଲ୍ଲା ସ୍ତରୀୟ ଶ୍ରେଷ୍ଠ ମାଧ୍ୟମିକ ଶିକ୍ଷା ପୁରସ୍କାର ପ୍ରଧାନ ଶିକ୍ଷକ ଓ ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ସାକ୍ଷୀଗୋପାଳ ପାଇଁ ନୂତନ ଇତିହାସ ସୃଷ୍ଟି କରିଛନ୍ତି। ସତ୍ୟବାଦୀ ବ୍ଲକର ଏକମାତ୍ର ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷା, କ୍ରିଡା ତଥା ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମ ଗୁଡିକରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଆସିଛି। ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ସିଆରସିସି ଓ ଅଭିଭାବକମାନେ ଖୁସି ବ୍ୟକ୍ତ କରିଛନ୍ତି।

# ଡାକ କର୍ମଚାରୀଙ୍କୁ ଆକ୍ରମଣ କରି ଲୁଟ ଅଭିଯୋଗ

**ନିମାପଡ଼ା, ୨।୨(ସମିସ):** ନିମାପଡ଼ା-ବଳଙ୍ଗା ରାସ୍ତାର ନହନ୍ତରା ଛକ ନିକଟରେ ଜନୈକ ଡାକ କର୍ମଚାରୀଙ୍କୁ ୨ଜଣ ଲୁଟେରା ଆକ୍ରମଣ କରି ତାଙ୍କ ଠାରୁ ୨୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ନିମାପଡ଼ା ଥାନାରେ ଅଭିଯାଗ ହୋଇଛି। ପ୍ରକାଶ ଯେ, ସତ୍ୟବାଦୀ ବ୍ଲକ ସାରଙ୍ଗଗୋଡି ଠାରେ ଥିବା ଡାକ କାର୍ଯ୍ୟାଳୟରେ ଚାକିରି କରିଥିବା ଜନୈକ କର୍ମଚାରୀ ଡାକ ଟଙ୍କା ଆଦାୟ ଏକ ବ୍ୟାଗରେ ଭର୍ତ୍ତିକରି ବାଇକ୍‌ରେ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ୨ଜଣ ଦୁର୍ବୃତ୍ତ ତାଙ୍କ ପିଛା କରି ଆସି ନହନ୍ତରା ନିକଟରେ ଅଟକାଇ ମାରଣାସ୍ତ୍ରରେ ହାତକୁ ଆକ୍ରମଣ କରି ଟଙ୍କା ଭର୍ତ୍ତି ବ୍ୟାଗକୁ ଛଡାଇ ନେଇଥିଲେ। ବ୍ୟାଗରେ ୨୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଥିଲା ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ହେବାରୁ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ଅସ୍ତରଙ୍ଗ, ୨।୨(ସମିସ):** ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ପଞ୍ଚାୟତରେ ଶୁକ୍ରବାର 'ଆମ ଓଡ଼ିଶା ନବୀନ ଓଡ଼ିଶା'କାର୍ଯ୍ୟକ୍ରମ ରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଥିଲେ। ଅସ୍ତରଙ୍ଗ ସରପଞ୍ଚ ରାମ ଚନ୍ଦ୍ର କାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତ୍ତନ ବିଜେଡି ବିଧାୟକ ସୁରେନ୍ଦ୍ର ସେଠୀ, ୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାଏକ, ଉପାଧ୍ୟକ୍ଷା ଦୁର୍ଯ୍ୟୋଧନ ମିଶ୍ର, ବିଡିଓ ସସ୍ମିତା ବେହେରା ଓ ଅନ୍ୟମାନେ ରହିଥିଲେ। ପଞ୍ଚାୟତର, ପୁରୁଷ ମହିଳା, ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ଆତ୍ମନିର୍ଭର ସ୍ୱୟଂ ସହାୟିକା ମହିଳାଗୋଷ୍ଠୀଙ୍କ ପକ୍ଷରୁ ନିଜ ହାତ ତିଆରି ଜିନିଷର ଷ୍ଟଲ ଖୋଲିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକ କଳା ପାଲା ମାଧ୍ୟମରେ ରାଜ୍ୟ ସରକାରଙ୍କ ଯୋଜନାକୁ ବଖାଣି ସଚେତନତା କରାଯାଇଥିଲ। ସମସ୍ତ ଅତିଥିବୃନ୍ଦ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିରର ଆଭିମୁଖ୍ୟ ଓ ରାଜ୍ୟ ସରକାରଙ୍କ ଯୋଜନା ସମୂହ ଉପରେ ଆଲୋକପାତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସମିତିସଭ୍ୟ ଦିବାକର ଛାଟୋଇ ସହଯୋଗ କରିଥିଲେ।

# ବୁଦ୍ଧଙ୍ଗ କେନାଲ ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ



**ସାକ୍ଷୀଗୋପାଳ, ୨।୨(ସମିସ):** ସତ୍ୟବାଦୀର ବୁଦ୍ଧଙ୍ଗ କେନାଲ ଡାହାଣ ପାର୍ଶ୍ୱ ରାସ୍ତା ଶ୍ରୀରାମଚନ୍ଦ୍ର ପୁର ଠାରୁ ଜମୁନାକୁଦ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ଶୁକ୍ରବାର ବିଧାୟକ ଶିଳାନ୍ୟାସ କରିଛନ୍ତି। ରାସ୍ତା କାମପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ସାକ୍ଷୀଗୋପାଳ ଜଳସମ୍ପଦ ବିଭାଗର ଉପଖଣ୍ଡ ଅଧିକାରୀ ତନୁଜା କୁମାର ରାଉତଙ୍କ ଠାରୁ ସୂଚନା ମିଳିଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ପୁରୀ ଜଳସମ୍ପଦ ବିଭାଗ ଅଧିକ୍ଷଣଯନ୍ତ୍ରୀ ଅମିୟ କୁମାର ସେଠ, ସାକ୍ଷୀଗୋପାଳ ଉପଖଣ୍ଡ ଅଧିକାରୀ ତନୁଜ କୁମାର ରାଉତ, ଯନ୍ତ୍ରୀ ସୁରେଶ କୁମାର ସାହୁଙ୍କ ସହିତ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର ବେହେରା, ମୂଳଅଳସା ସରପଞ୍ଚ ଦେବୀପ୍ରସାଦ ଘଟୁଆରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧିକାରୀ, ସୁବାଷ ପ୍ରଧାନ, ପ୍ରକାଶ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

**ଚାରିଛକ, ୨।୨(ସମିସ):** ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସ୍ୱର୍ଣ୍ଣରଶ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟଅତଥିଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡଃ ସନ୍ତୋଷ କୁମାର ମିତ୍ର, ସମ୍ମାନିତ ଅତିଥିଭାବେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଧାପିକା ପୁଷ୍ପମିତ୍ରା ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ବୁଝାଇବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଏନଏସଏସ ମେଜର ପୁଷ୍ପମିତ୍ରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆତ୍ମରକ୍ଷା କୌଶଳ ଶିବିର ଶୃଙ୍ଖଳାର ସହ ସମାପନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଯୋଗଦେଇଥିଲେ।

# ବ୍ଲକ ମିଶନ ଶକ୍ତି ପକ୍ଷରୁ ଓଡ଼ିଆ କବି ସମ୍ମିଳନୀ



**କାକଟପୁର/ଗମ୍ଭାରୀପଦା, ୨।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ କାକଟପୁର ବ୍ଲକ ମିଶନ ଶକ୍ତି ପକ୍ଷରୁ ଏକ କବି ସମ୍ମିଳନୀ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବି ସମ୍ମିଳନୀରେ ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତି ରଞ୍ଜନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ବ୍ଲକ ପ୍ରକଳ୍ପ ସଂଯୋଜକ ନୟନ କୁମାର ଜେନା, କାର୍ଯ୍ୟକ୍ରମ ସହାୟକ ବିଶ୍ୱ ରଞ୍ଜନ, ବିପିଏ ସୌଦାମିନୀ ଓଝା, ବିଚାରକ ମଣ୍ଡଳୀ କାକଟପୁର ମଙ୍ଗଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରଫେସର ଡ଼ ସଂଗ୍ରାମ ଛାଟୋଇ, ଅଧ୍ୟାପକ ପ୍ରଫୁଲ୍ଲ କୁମାର ନାୟକ, କବି ତ୍ରିଲୋଚନ ବିଶ୍ୱାଳ ଓ ଚିତ୍ତରଞ୍ଜନ ପୃଷ୍ଟି ଯୋଗ ଦେଇଥିଲେ। ବ୍ଲକର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀରୁ ଶତାଧିକ ସଭ୍ୟାମାନଙ୍କ ଉପସ୍ଥିତିରେ ମୋଟ ୨୨ଜଣ କବୟିତ୍ରୀ ସ୍ୱଲିଖିତ କବିତା ପାଠ କରିଥିଲେ। ସେମାନଙ୍କ ମଧ୍ୟରୁ କ୍ଷେତ୍ରବାସୀ ତ୍ରିପାଠୀ ୧ମ, ନିର୍ମଳା ସେଠ ୨ୟ, ଓ ଚାରୁଲତା ଖୁଣ୍ଟିଆ ୩ୟ ସ୍ଥାନ ଅଧିଗ୍ରହଣ କରି ପ୍ରମାଣ ପତ୍ର, ଉତ୍ତରୀୟ ଓ ଉପଢ୍ୌକନ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। କବି ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ସ୍ୱର୍ଣ୍ଣଲତା ଖୁଣ୍ଟିଆଙ୍କ ସମେତ ସମସ୍ତ କବୟିତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

### ବେଗୁନିଆ ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟ

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଗୋପ, ୨।୨(ସମିସ): ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୋ ସ୍କୁଲ୍ ପରିଚାଳନା ସଂଗଠନ ଏବଂ '୫-ଟି' ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ ଠାରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ଯୋଜନାରେ ଗୋପ ବ୍ଲକ ବେଗୁନିଆ ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ନେହଲତା ପରିଡ଼ାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଅଛି। ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ନେହଲତା ପରିଡ଼ା ଓ ସହକାରୀ ଶିକ୍ଷୟିତ୍ରୀ ସମିତା ରାଉତରାୟ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟରେ ଶିକ୍ଷାର ସାମଗ୍ରିକ ବିକାଶ ସହ ପିଲାଙ୍କ ବୌଦ୍ଧିକ ବିକାଶ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ବିଶ୍ୱଜିତ୍ ଘୋଷ, ଗୋପ ମଣ୍ଡଳ ଶିକ୍ଷା ଅଧିକାରୀ ସୁଶିଲ୍ କୁମାର ବ୍ରହ୍ମା, ସିଆର୍‌ସିସି. ଜଗନ୍ନାଥ ମଲ୍ଲିକ୍, ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶିବଦତ୍ତ ନାୟକ ଓ ସଭ୍ୟସଭ୍ୟା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେକୃଷ୍ଣ ସାହୁ ଓ ସଭ୍ୟସଭ୍ୟା, ଶିକ୍ଷୟିତ୍ରୀ ମମତା ମହାନ୍ତି, ମାନସୀ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଦୟାବିହାର ସ୍ନାତକ ମହାବିଦ୍ୟାଳୟ

# ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ




**କଣାସ, ୨।୨(ସମିସ):** କଣାସ ବ୍ଲକ ଅର୍ନ୍ତଗତ ଦୟାବିହାରଠାରେ ପ୍ରତିଷ୍ଠିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ବରକୁଲ୍ଲାହା ବିଶ୍ୱ ବିଦ୍ୟାଳୟ, ଭୋପାଳର ପ୍ରଫେସ୍‌ର ହେମନ୍ତ ଖଣ୍ଡାଇ ମୁଖ୍ୟଅତିଥି, ରେଭେନ୍‌ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ମୁଖବକ୍ତା, ପ୍ରଫେସର ଲିଙ୍ଗରାଜ ଶତପଥୀ ସମ୍ମାନିତ ଅତିଥି ଓ ନର୍ଥଇଷ୍ଟ ହିଲ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ ପ୍ରସାଦ ସୁବୁଦ୍ଧି ମୁଖ୍ୟ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ 'ଜାତୀୟ ଶିକ୍ଷାନୀତିରେ ସାମଗ୍ରିକ ଶିକ୍ଷା-୨୦୨୦'ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର କୋଡିନେଟ୍‌ର ଅଜୟ କୁମାର ମହାପାତ୍ର ସ୍ୱାଗତ ଭଷଣ ପ୍ରଦାନ କରିଥିବା ସ୍ଥଳେ ବିଭଅଗୀୟ ମୁଖ୍ୟ ଶ୍ରୀମତୀ ମୈତ୍ରୀ ମିଶ୍ର ଆଲୋଚନାଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଉପସ୍ଥାପନା କରିଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସୁପ୍ରଭା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରୁ ଅନେକ ବିଭାଗୀୟ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିବା ସ୍ଥଳେ ଶତାଧିକ ଛାତ୍ରଛାତ୍ରୀ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ।

### ପରିମିଟ୍ ଥାଇ ଅସ୍ତରଙ୍ଗକୁ ଆସୁନି ଯାତ୍ରୀବାହୀ ବସ୍

# ହନ୍ତସନ୍ତ ହେଉଛନ୍ତି ଯାତ୍ରୀ, ରାସ୍ତାରୋକ ଚେତାବନୀ

**ଅସ୍ତରଙ୍ଗ, ୨।୨ସମିସ):** ରାଜଧାନୀ ଭୁବନେଶ୍ୱର, ଜିଲ୍ଲା ମୁଖ୍ୟାଳୟ ପୁରୀ ଓ ମୁଖ୍ୟ ବ୍ୟବସାୟସ୍ଥଳୀ କଟକରୁ ଅନେକ ଯାତ୍ରୀବାହି ବସ୍ ଅସ୍ତରଙ୍ଗକୁ ଯିବା ଆସିବା କରିଥାଏ। କିନ୍ତୁ ପରିତାପର ବିଷୟ ସେହି ବସ୍ ଗୁଡିକର ଅସ୍ତରଙ୍ଗ ରୋଡ଼ ପରମିଟ ଥାଇ ମଧ୍ୟ ଦୀର୍ଘ ଦିନ ହେବ ସେମାନେ ଅସ୍ତରଙ୍ଗ ଆସୁନାହାନ୍ତି। ଅସ୍ତରଙ୍ଗ ଏବଂ ଏହା ର ପାଶ୍ୱବର୍ତ୍ତି ସ୍ଥାନ ଯଥା ନୂଆଗଡ଼, ଆଳସାହି, ନଗର ତଳି ଅଞ୍ଚଳରୁ କିପରି ସୁବିଧାରେ ଜନସାଧାରଣ ଯିବା ଆସିବା କରିପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ବସ୍ ଚଳାଚଳ ପାଇଁ ପରମିଟ ପ୍ରଦାନ କରାଯାଇଛି।କିନ୍ତୁ ଅନେକ ବସସ୍ ଭୁବନେଶ୍ୱର, କଟକ, ପୁରୀରୁ ଅସ୍ତରଙ୍ଗ ବୋର୍ଡମାରି ଯାତ୍ରୀମାନଙ୍କୁ ଆଣି କାକଟପୁର ଠାରେ ଓହ୍ଲାଇଦେଉଛନ୍ତି ଫଳରେ ସାଧାରଣ ଲୋକ, ରୋଗୀ, ବୟସ୍କା ବୁଢ଼ାବୁଢ଼ୀ, ଛୋଟ ପିଲା ଓ ମହିଳାମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଦିନ ହେଉ କି ରାତିରେ ପରମିଟ ପାଇଥିବା ବସ୍ ଗୁଡିକ ଅସ୍ତରଙ୍ଗ ନ ଆସି ଅସ୍ତରଙ୍ଗ ଅଞ୍ଚଳର ଅଧିବାସୀଙ୍କୁ ନାନା ଅସୁବିଧାରେ ପକାଉଛନ୍ତି। ଫଳରେ ଅସ୍ତରଙ୍ଗ ଅଞ୍ଚଳର ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ରୋଡ଼ ପରମିଟ ପାଇଥିବା, ଯାତ୍ରୀବାହି ବସ୍ ଅସ୍ତରଙ୍ଗର ସେହି ସବୁ ସ୍ଥାନମାନଙ୍କୁ ଚଳାଚଳ ନକରେ ତେବେ ଆଗାମୀ ଦିନରେ ବ୍ଲକ କଂଗ୍ରେସ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବା ସହିତ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତା ରୋକ କରାଯିବ ବୋଲି ଅସ୍ତରଙ୍ଗ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତି ଚେତାବନୀ ଦେଇଛନ୍ତି ଜିଲ୍ଲା ପ୍ରଶାସନ ଘଟଣାକୁ ଗୁରୁତର ସହିତ ବିଚାର କରି ଦୀର୍ଘ ଦିନ ଧରି ଲାଗିରହିଥିବା ସମସ୍ୟାକୁ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା

# 'ଶୂନ୍ୟ ଓଡ଼ିଶା ସୁନାର ଓଡ଼ିଶାରେ ରୂପାନ୍ତରିତ'

ନୟାଗଡ଼, ୨।୨(ସମିସ): ନୟାଗଡ଼ ବ୍ଲକ ଅନ୍ତର୍ଗତ ଭାଟସାହି, ନବଘନପୁର, ଲେଙ୍କୁଡ଼ିପଡ଼ା ଏବଂ ନୟାଗଡ଼ ପୌର ପରିଷଦର ବିଭିନ୍ନ ସ୍ଥାନରେ 'ଆମ




ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ପୌର ପରିଷଦ ଅଧ୍ୟକ୍ଷ ନିରୂପମା ଖଟେଇ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲାପାଳ ସ୍ୱଧାଦେବ ସିଂ ଭାଟସାହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଡ. ସାହୁ ତାଙ୍କ ବକ୍ତବ୍ୟରେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଶାସନ ଭାର ଗ୍ରହଣ କରିବା ପୂର୍ବରୁ ରାଜ୍ୟର ଅବସ୍ଥା କଣ ଥିଲା ଏବଂ ଆଜି କଣ ହୋଇଛି ତାହା ଉପରେ ଆଲୋଚନା କରିଥିଲେ। ଶୂନ୍ୟ ଓଡ଼ିଶା ଆଜି ସୁନାର ଓଡ଼ିଶାରେ ପରିଣତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେବା ସହ ପ୍ରତ୍ୟେକ କ୍ଷେତ୍ରରେ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଧର୍ମାନୁଷ୍ଠାନ, କମ୍ୟୁନିଟି ହଲକୁ ରୂପାନ୍ତରିତ କରିବାକୁ ଅର୍ଥ ଯୋଗାଇ ଦେଇଛନ୍ତି ବୋଲି କହିଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀକୁ ଏକ ନମ୍ବର କରିବା ପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ସେହିଭଳି ଭାବେ ପୌରାଞ୍ଚଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିଧାୟକ ବିଭିନ୍ନ ୱାର୍ଡରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। ବଳାଙ୍ଗୀ ପାର୍କ ନୟାଗଡ଼କୁ ସ୍ୱତନ୍ତ୍ର ପରିଚୟ ଦେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଡିଓ ପଦ୍ମଚରଣ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ସୁବାଷ ଚନ୍ଦ୍ର କଅଁରଙ୍କ ସମେତ ଭାଟସାହି ସରପଞ୍ଚ ସାରଦା ପ୍ରସାଦ ସାହୁ, ନବଘନପୁର ସରପଞ୍ଚ ଚିତ୍ତରଞ୍ଜନ ଭଞ୍ଜ, ଲେଙ୍କୁଡ଼ିପଡ଼ା ସରପଞ୍ଚ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ସମିତିସଭ୍ୟ, କାଉନସିଲର, ୱାର୍ଡସଭ୍ୟମାନେ ଯୋଗ ଦେଇଥିଲେ।

**ଶରଣକୁଳ:** ଓଡ଼ଗାଁ ବ୍ଲକ ଶରଣକୁଳ ଗ୍ରାମ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସମାଜସେବୀ ବିକ୍ରମ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରଣପୁର ବିଧାୟକ ତଥା ଯୋଜନା ବୋର୍ଡର ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଶରଣକୁଳ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଗୋଡିପଡ଼ା ଜୋନ ଜିଲ୍ଲା ପରିଷଦ ସଭ୍ୟା ସଞ୍ଜୁକ୍ତା ପଢ଼ିଆରୀ, ସୋଲପଟା ସମବାୟ ସଭାପତି ସୁଶାନ୍ତ କୁମାର ଜେନା, ଗୋଡିସାହି ସରପଞ୍ଚ ଦୀପ୍ତିରଞ୍ଜନ ପରିଡ଼ା, ହରିଡାବନ୍ଧ ସମିତି ସଭ୍ୟ ପିଣ୍ଟୁ ପଢ଼ିଆରୀ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଙ୍କୁ ନୟାଗଡ଼ ବିଜୁ ଛାତ୍ର ଜନତା ଦଳର ଉପସଭାପତି ଉମାପ୍ରସାଦ ସାହୁ ଏବଂ ପିଇଓ ବିଭୂତି ଭୂଷଣ ସାହୁ ଫୁଲତୋଡ଼ା, ଉପଢ଼ୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୫ ବର୍ଷର ବିକାଶଧାରା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଏସଏଚଜି ସଦସ୍ୟା, ସିଆରପି, ଜିଆରଏସ, ଅଙ୍ଗନବାଡି କର୍ମୀ, ଜିଆରପି, ଆଶା ଓ ଏମ୍‌ବିକେ ସମେତ ପୁରୁଷ ମହିଳା ଯୋଗଦାନ କରିଥିଲେ।

**ଭାପୁର:** ରାଜ୍ୟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ବିକାଶ ତ୍ୱରାନ୍ୱିତ ହୋଇପାରିଛି। ଏହି ଯୋଜନା ମାଧ୍ୟମରେ ଅଞ୍ଚଳର କଣ କଣ ବିକାଶ ହୋଇଛି ଏହାର ଝଲକ ଲୋକମାନେ ଦେଖିଲେ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପ୍ରଶାସନ ତରଫରୁ ଶୁକ୍ରବାରଠାରୁ ଆରମ୍ଭ ହୋଇ ଏଗାର ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ପଞ୍ଚାୟତରେ ସେ ଅଞ୍ଚଳର କଣ କଣ ବିକାଶ ହୋଇଛି ତାହାକୁ ପୁସ୍ତକ ଆକାରରେ ପ୍ରକାଶ କରାଯିବା ସହ ସଭା କରାଯାଇ ସଚେତନତା କରାଯାଇଛି। ଶୁକ୍ରବାର ଭାପୁର ପଞ୍ଚାୟତରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଭାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଡିଓ ରଣଜିତ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଏବିଡିଓ ସରୋଜ କୁମାର ନାୟକ, ଉଦ୍ୟମ ବିଭାଗ ଅଧିକାରୀ ଜସ୍ମିନ ଗୁଲଜାର ଓ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର କର, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଭାପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ୧୯ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପାଞ୍ଚ ପ୍ରକଳ୍ପ ପାଇଁ ୨୨ ଲକ୍ଷ ଟଙ୍କା, ମହାବିଦ୍ୟାଳୟ ପାଇଁ ୨୫ ଲକ୍ଷ, ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ପାଇଁ ୩୫ ଲକ୍ଷ, କାଳିଆ ଯୋଜନାରେ ୧୧୦୭ ପରିବାର ଉପକୃତ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୮୨୦ ପରିବାର ସାମିଲ ହୋଇଛନ୍ତି। ଏହି ସଭାରେ ପଞ୍ଚାୟତର ଦୁଇ ହଜାର ମହିଳା ଓ ପୁରୁଷ ଯୋଗ ଦେଇଥିଲେ।



**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ଅଧୀନ କୋସ୍କା ପଞ୍ଚାୟତରେ 'ଆମ ଓଡ଼ିଶା




ନବୀନ ଓଡ଼ିଶା' ପକ୍ଷରୁ ଜନସଚେତନତା ଶିବିର ଶୁଭାରମ୍ଭ ହୋଇଛି। କୋସ୍କା ସରପଞ୍ଚ ମାମୁନୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପିଇଓ ମନୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ଜିପିଓ ଅନିତ ବଡ଼ସେଠ, ସ୍ଥାନୀୟ ସରପଞ୍ଚ ମାମୁନୀ ଜେନା, ସମିତି ସଭ୍ୟ ରଞ୍ଜିତା ବେହେରା, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ୫ନଂ ଜୋନ୍ ବିଜେଡି ସଭାପତି ଅଖିଳ କୁମାର ପଣ୍ଡା, କୁମ୍ଭାରପଡ଼ା ସମିତିସଭ୍ୟ ନରେନ୍ଦ୍ର ନାଥ ଦାଶ, ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଲୋକାଭିମୁଖୀ ଯୋଜନା ପଞ୍ଚାୟତର ସମସ୍ତ ୱାର୍ଡରେ ସାଧାରଣ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିଥିବା ବେଳେ ଆଗକୁ ଆହୁରି ଅନେକ ମୌଳିକ ସୁବିଧା ସୁଯୋଗ ମିଳିବ ବୋଲି ଉପାଧ୍ୟକ୍ଷ ଶ୍ରୀ ସାହୁ କହିଥିଲେ। ବିଶେଷ ଭାବରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ କୋସ୍କା ପଞ୍ଚାୟତକୁ ୧୩ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ, ମିଶନ ଶକ୍ତି, କୃଷି ଓ କ୍ରୀଡ଼ାରେ ଯେଉଁମାନେ ଉପକୃତ ହୋଇଛନ୍ତି ସେମାନେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ବନମାଳିପୁର ନୃତ୍ୟ ପ୍ରଣାମ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ନିମନ୍ତେ କୋସ୍କା ଫାଣ୍ଡି ଅଧିକାରୀ ରମେଶ କୁମାର ବେହେରାଙ୍କ ସମେତ ଯୁବନେତା ମହେନ୍ଦ୍ର ଜେନା ଓ ଅନ୍ୟମାନେ ସହଯୋଗ କରିଥିଲେ।

## ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଓଡ଼ଗାଁ, ୨।୨ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ସାରା ରାଜ୍ୟରେ ସ୍କୁଲର ସୁନାମ ରହିଥିବା ବେଳେ ଏହି ବିଦ୍ୟାଳୟରେ ବର୍ତ୍ତମାନ ସମୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ କକ୍ଷ, ଶିକ୍ଷକ ଓ ଟଏଲେଟର ଅଭାବ ରହିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ପଡ଼ିଆଟି ଖେଳିବା ପାଇଁ ଅନୁପଯୁକ୍ତ ହୋଇପଡ଼ିଛି। ଜରାଜୀର୍ଣ୍ଣ ଟିଣଘର ମଧ୍ୟରେ ଖେଳ ସାମଗ୍ରୀଗୁଡ଼ିକ ପଡ଼ିରହି ନଷ୍ଟ ହେବାକୁ ବସିଲାଣି। ଅନ୍ୟପକ୍ଷରେ ଏଠାରେ ଅଧ୍ୟୟନ କରୁଥିବା ୬ ଶହରୁ ୭ଶହ ଛାତ୍ରୀଙ୍କ ମଧ୍ୟରୁ ପ୍ରତିଦିନ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ସାଇକେଲ ଆଣି ଆସୁଥିବା ବେଳେ ତାକୁ ରଖିବାକୁ ଷ୍ଟାଣ୍ଡଟିଏ ନାହିଁ। ବାଳିକା ସ୍କୁଲରେ ବହୁବାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସମ୍ପର୍କରେ ପ୍ରଧାନଶିକ୍ଷକ ବିବରଣୀ ପାଠ ମାଧ୍ୟମରେ ମଞ୍ଚରେ ଉପସ୍ଥିତ ଅତିଥି, ଅଭିଭାବକ ଓ ସାମ୍ନାରେ ଥିବା ଛାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ପିଲାଙ୍କୁ ଭଲ ମଣିଷ କରି ଗଢ଼ି ତୋଳିବାରେ ଅନୁରୂପ ଭାବେ ବାପା ମାଙ୍କର ଦାୟିତ୍ୱ ରହିଥିବା କଥା କହିଥିଲେ। ଅଭାବ ଉଭାବନର କାରଣ ହୋଇଥାଏ। ଧୀରେ ଧୀରେ ସମସ୍ତ ଅଭାବ ପୂରଣ କରାଯିବ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷ ମୀରା ନାୟକ ସାହୁ, ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ତହସିଲଦାର ମାନସ ରଞ୍ଜନ ଭୋଇ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଓଡ଼ଗାଁ ସମବାୟ ସମିତି ସଭାପତି ବିଭୁପ୍ରସାଦ ସାହୁ, ଏସଏମସି ସଭାପତି ବରେନ୍ଦ୍ର ନନ୍ଦ ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରୀମାନଙ୍କୁ ମାନସିକ, ବୌଦ୍ଧିକ ବିକାଶ ସହିତ ମାନବୀୟ ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଜଳନ୍ଧର ରଥ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ରଖିଥିବାବେଳେ ଏକଲବ୍ୟ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଧନ୍ଦାମୂଳକ ଶିକ୍ଷାର୍ଥୀଙ୍କ ଶିଳ୍ପ ପରିଭ୍ରମଣ

ଶରଣକୁଳ, ୨।୨(ସମିସ): ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଚାଲୁଥିବା ଧନ୍ଦାମୂଳକ ଶିକ୍ଷା ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିଳ୍ପାନୁଷ୍ଠାନ ପରିଭ୍ରମଣ ଶିକ୍ଷା ଅନୁଷ୍ଠିତ ହୋଇଛି। ଏହି ପରିଭ୍ରମଣରେ ନାରାୟଣ ଉଚ୍ଚ ବିଦ୍ୟାଳୟ ନବମ ଓ ଦଶମ ଶ୍ରେଣୀର ପରିଧାନ ବିଭାଗ ୬୮ ଶିକ୍ଷାର୍ଥୀ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳର ୧୧ ଶିକ୍ଷାର୍ଥୀ ସାମିଲ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଦୁଇଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସୋଲପଟାସ୍ଥିତ ବାଲୁଙ୍କେଶ୍ୱର ତନ୍ତୁବାୟ ସମିତିକୁ ପରିଭ୍ରମଣ କରିଥିଲେ। ତନ୍ତୁବାୟ ସମିତି ସମ୍ପାଦକ ସନ୍ତୋଷ କୁମାର ନାୟକ, ଜିଲ୍ଲା ବୟନଶିଳ୍ପ ବିଭାଗ ଟେକ୍ନିସିଆନ ପ୍ରମୋଦ ବିହାରୀ କୌର ଏବଂ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିଧାନ ବିଭାଗ ପ୍ରଶିକ୍ଷିକା ରୋଜାଲିନ ମିଶ୍ରଙ୍କ ସହାୟତାରେ ତନ୍ତରେ କପଡ଼ାର ବୁଣେଇ, ସୁତାର ବ୍ୟବହାର, କପଡ଼ାରେ ରଙ୍ଗ ପ୍ରସ୍ତୁତ ସହ ବିଭିନ୍ନ ପ୍ରକାର ହସ୍ତତନ୍ତ ବିଷୟରେ ଶିକ୍ଷାର୍ଥୀଙ୍କୁ ଶିକ୍ଷା ଦେଇଥିଲେ। ଧନ୍ଦାମୂଳକ ଶିକ୍ଷାର ଭାରପ୍ରାପ୍ତ ଅଧିକାରିଣୀ ପ୍ରଜ୍ଞା ପରମିତା ସାହୁ, ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର ଶିକ୍ଷା କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷାର ଉପାଦେୟତା ବିଷୟରେ ମତ ପ୍ରକାଶ କରିଥିଲେ। ଶିକ୍ଷାର୍ଥୀଙ୍କ ଶିଳ୍ପାନୁଷ୍ଠାନ ପରିଭ୍ରମଣ ଧନ୍ଦାମୂଳକ ଶିକ୍ଷାରେ ବିଶେଷ ଲାଭପ୍ରଦ ହେବ ବୋଲି ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନେ ମତ ଦେଇଛନ୍ତି।

● ଭାପୁର ବ୍ଲକରେ ଫଲ୍ସ ବିଲ୍ ଓ ଅର୍ଥ ଆତ୍ମସାତ୍ ଘଟଣା

## କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

ନୟାଗଡ଼, ୨।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଫଲସ୍ ବିଲ୍ କରି କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। କିଛି ଅର୍ଥ ରିକୋଭରି ହୋଇଥିବା ବେଳେ ଅନେକ ଅର୍ଥ ହରିଲୁଟ୍ ହୋଇଛି। ଅନେକ ସରକାରୀ କର୍ମଚାରୀ ନିଲମ୍ବିତ ହୋଇଥିବା ବେଳେ ଭାପୁରର ରାଜନୈତିକ ସ୍ଥିତିରେ ମଧ୍ୟ ପରିବର୍ତ୍ତନ ଘଟିଛି। ଭାପୁର ବ୍ଲକରେ ମନରେଗା ଯୋଜନାଠାରୁ ଆରମ୍ଭ କରି ରାସ୍ତା, ଆବାସ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ କାମ ନକରି ବିଲ୍ ଉଠାଣ ଘଟଣା ଜିଲ୍ଲାରେ ୩ ବର୍ଷ ତଳୁ ଆଲୋଡ଼ନ ସୃଷ୍ଟି କରିଛି। ଏଭଳି ସ୍ଥଳେ ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ ନ କରାଯାଇ ୪ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଥିଲା। ମିଶନ ଶକ୍ତି ସଚିବଙ୍କ ନିର୍ଦ୍ଦେଶରେ ତାହାର ତଦନ୍ତ କରାଯାଇ ଅର୍ଥ ରିକୋଭରି ହୋଇଥିଲା। ଏହି ମିଶନ ଶକ୍ତି ଗୃହ ପୁନଃନିର୍ମାଣ ହୋଇ କିଛିଦିନ ତଳେ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏହାକୁ ନେଇ ଲୋକାୟୁକ୍ତରେ ରୁଜୁ ହୋଇଥିବା ମାମଲାରେ ଲୋକାୟୁକ୍ତ କ୍ରାଇମ ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବତନ ଭାପୁର ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ପ୍ରଧାନଙ୍କ ଦସ୍ତଖତ ଜାଲିଆତି କରି କୋଟି କୋଟି ଟଙ୍କା ବିଲ୍ କରାଯାଇଥିଲା। ନାଳରେ ବନ୍ଧ ଦେଇ ପୋଖରୀ ଖୋଳିବା, କମ୍ୟୁନିଟି ହଲ୍ ଗୃହ ନିର୍ମାଣ ନକରି ବିଲ୍ କରିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ସବୁଠାରୁ ବଡ଼ ଦୁର୍ନୀତି ଭାବେ ସାମ୍ନାକୁ ଆସିଥିବା ଗୋଟିଏ ରାସ୍ତାକୁ ୨୧ ଥର ବିଲ୍ କରାଯିବା ଘଟଣା। ଏନେଇ ଭାପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନ ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ। ଫତେଗଡ଼ ଥାନା ମାମଲାରେ ଖଣ୍ଡପଡ଼ା ଏସ୍‌ଡିପିଓ ଘଟଣାର ସଠିକ ତଦନ୍ତ କରିନଥିବା ନେଇ ଲୋକାୟୁକ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟାନ୍ୟ ବିଭାଗୀୟ ତଦନ୍ତକୁ ଆଧାର କରି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବା ବେଳେ ଏହାର ତଦନ୍ତ କରିବା ପାଇଁ କଟକ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଭାପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ସମେତ ଅନେକ ସରକାରୀ କର୍ମଚାରୀଙ୍କ ବିରୋଧରେ ଏହି ମାମଲା ଚାଲିଛି। କ୍ରାଇମବ୍ରାଞ୍ଚ ତଦନ୍ତ ପରେ ଭାପୁର ବ୍ଲକର ଦୁର୍ନୀତି ପେଡ଼ି ୩ ଶହ କୋଟି ପାର କରିବ ବୋଲି ଆଲୋଚନା ହେଉଛି।

## ମହାବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ଗଣିଆ, ୨।୨(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ବିଶ୍ୱ ଓଡ଼ିଆ ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ 'ନୂଆ-ଓ' ଯୋଜନା ମାଧ୍ୟମରେ ବିଭିନ୍ନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ରାଜ୍ୟ ସରକାରୀ ଓ ସରକାର ଅନୁଦାନପ୍ରାପ୍ତ ଶିକ୍ଷା ଅନୁଷ୍ଠାନ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାବେଳେ ଶୁକ୍ରବାର ଅପରାହ୍ନରେ ଗଣିଆ ବ୍ଲକସ୍ଥିତ ବନମାଳୀ ବାରିକି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା, ନୋଡାଲ ଅଫିସର ଦୁର୍ଯ୍ୟୋଧନ ପଣ୍ଡା, ସଂଯୋଜକ ଦେବାଶିଷ ବସ୍ତିଆ, ପଦ୍ମନାଭ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସେଣ, ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ କାଶୀନାଥ ବାରିକି ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥିମାନଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଓଡ଼ିଆ ସାହିତ୍ୟ ପଠନ ଛାତ୍ରଛାତ୍ରୀମାନଙ୍କ ଭିତରେ ଅନ୍ତର୍ନିହିତ ଥିବା ଓଡ଼ିଆ ଭାଷା ଜ୍ଞାନ ସମ୍ପର୍କରେ ଦକ୍ଷତା ତଥା ନିଜର ବିବିଧ ଭାଷାର କୌଶଳ ପ୍ରଦର୍ଶନ କରିବା ନିମନ୍ତେ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।




ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ନରସିଂହପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୁଳମଣି ବାରିକି ଯୋଗଦାନ କରିଥିବାବେଳେ ମୁଖ୍ୟ ବକ୍ତାଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ସଁପଡ଼ାର ପ୍ରବକ୍ତା ଗୋପାଳ ଚନ୍ଦ୍ର ରାଜଗୁରୁ, ସମ୍ମାନିତ ଅତିଥିଭାବେ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ଜଗନ୍ନାଥ ସଂସ୍କୃତିର ପ୍ରଚାର ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ନେଇ ସାଧାରଣ ଜ୍ଞାନ, ପ୍ରବନ୍ଧ, ଗଳ୍ପ ଲିଖନ, ବ୍ୟାକରଣ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଶେଷରେ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି

ଗଣିଆ, ୨।୨(ସମିସ): ଗଣିଆ ବ୍ଲକ ଗଣିଆ ଗ୍ରାମ ପଞ୍ଚାୟତ ସଭାଗୃହରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଗିରିଧାରୀ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡିପିଓ ଅଶୋକ କୁମାର ରଥ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଡିପିଓ ଉଷାରାଣୀ ସାହୁ, ପିଇଓ କୈଳାସ ଚନ୍ଦ୍ର ମହାପାତ୍ର, ବନମାଳୀ ମିଶ୍ର, ହରିହର ଅମାୟନ୍ତ ଉପସ୍ଥିତ ଥିଲେ। ବାତ୍ୟା ବନ୍ୟାକୁ ଆଖି ଆଗରେ ରଖି ପଞ୍ଚାୟତରେ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥି ସହିତ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷାକରି ପୂର୍ବ ପ୍ରସ୍ତୁତି ରହି ସମ୍ଭାବ୍ୟ ବିପଦସଙ୍କୁଳରେ ଚିହ୍ନଟ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା, ଅତ୍ୟାବଶ୍ୟକୀୟ ସମାଗ୍ରୀ ମହଜୁଦ ରଖିବା, ବନ୍ୟାବାତ୍ୟର ପ୍ରାକ୍ ସୂଚନା ଆସିଲେ ସତର୍କତା ଅବଲମ୍ବନ କରିବା ଭଳି ଅନେକ ଉପାଦେୟ କଥା ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏମବିକେ, ଜିଆରଏସ, ସିଆରପି, ଏମବିକେ, ଶିକ୍ଷକ, ଆଶାକର୍ମୀମାନେ ଉପସ୍ଥିତ ଥିଲେ।

## ଓଡ଼ିଆ କବି ସମ୍ମିଳନୀ

ଗଣିଆ, ୨।୨(ସମିସ): ଗଣିଆ ମିଶନ ଶକ୍ତି ଆନୁକୂଲ୍ୟରେ ବ୍ଲକ ମିଶନ ଶକ୍ତି ସଭାଗୃହରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ସଭାପତିତ୍ୱରେ ସିଡିପିଓ ଉଷାରାଣୀ ସାହୁ, ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗର ପୂର୍ଣ୍ଣଚନ୍ଦ୍ର ନାୟକ, ମିଶନ ଶକ୍ତିର ବ୍ଲକ ପ୍ରୋଗ୍ରାମ କୋର୍ଡିନେଟର ପ୍ରମୋଦ କୁମାର ବେହେରା, ବିପିଏମ କାଦମ୍ବିନୀ ନାୟକ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ। ଅତିଥିଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କବି ସମ୍ମିଳନୀରେ ୨୨ରୁ ଅଧିକ କବି ନିଜର ସୁରଚିତ କବିତା ପାଠ କରିଥିଲେ। ବିଚାରକ ସେମାନଙ୍କର ପ୍ରତିଭାର ମୂଲ୍ୟାଙ୍କନ କରିଥିଲେ। ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅତି ସୁନ୍ଦର କବିତା ଆବୃତ୍ତି କରିଥିଲେ। ସମସ୍ତ କବି, ପ୍ରତିଯୋଗୀଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବଡ଼ଶିଳିଙ୍ଗାର ଭକ୍ତିଧରା ସାହୁ, ପତଣ୍ଡାର ସଞ୍ଜୁଲତା ସାହୁ ଓ କେନ୍ଦୁପଲୀର ବୈଜୟନ୍ତୀ ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବାରୁ ସେମାନଙ୍କୁ ଗୀତା ବହି ଦେଇ ପୁରସ୍କୃତ କରାଯାଇଥିଲା।

## କୁରାଳ ପାକ୍ସ ଅନିୟମିତତା ଘଟଣା

# ନିଲମ୍ବିତ ଅଡିଟର୍‌ଙ୍କ ବିରୋଧରେ ଶୃଙ୍ଖଳାଗତ ପ୍ରକ୍ରିୟା ନିର୍ଦ୍ଦେଶ

● ଉପସହକାରୀ ନିବନ୍ଧକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ
● ଘଣ୍ଟ ଘୋଡ଼ାଉଛି କିଏ, ବଳି ପଡୁଛି ଜମାକାରୀଙ୍କ ସ୍ୱାର୍ଥ

ନୟାଗଡ଼, ୨।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ସମବାୟ ସମିତିରେ ୬ କୋଟି ଜମା ଟଙ୍କା ହେର୍‌ଫେର୍ ଘଟଣାରେ ଅଡିଟର ସୁଶାନ୍ତ କୁମାର ଦାଶ ନିଲମ୍ବିତ ହୋଇଥିଲେ। ତାଙ୍କ ବିରୋଧରେ ଶୃଙ୍ଖଳାଗତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଅତିରିକ୍ତ ରେଜିଷ୍ଟ୍ରାର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସମସ୍ତ ତଥ୍ୟ ଦାଖଲ କରିବା ପାଇଁ ଫେବୃଆରୀ ୧ ତାରିଖରେ ସମବାୟ ସମିତି ଅଡିଟର ଜେନେରାଲଙ୍କୁ ଚିଠି କରିଛନ୍ତି। ଲୋକଙ୍କ ଅର୍ଥକୁ ଫେରସ୍ତ କରିବା ପାଇଁ ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉନାହିଁ। କୁରାଳ ସମବାୟ ସମିତିରେ ୬ କୋଟି ୪୨ ଲକ୍ଷ ୭୧ ହଜାର ୫୬୯ ଟଙ୍କା ଅନିୟମିତତା ହୋଇଥିବା ବେଳେ ଏହି ଅର୍ଥକୁ କୁରାଳ ପ୍ୟାକ୍ସ ସମ୍ପାଦକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ହରିଲୁଟ କରିଛନ୍ତି। ଯାହାକୁ ନେଇ ଉକ୍ତ ସମୟରେ କାର୍ଯ୍ୟରତ ନୟାଗଡ଼ ସମବାୟ ସମିତି ସମୂହ ଉପ ସହକାରୀ ନିବନ୍ଧକ ତଥା ବର୍ତ୍ତମାନ ସୋନପୁର ଜିଲ୍ଲା ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ପାଣ୍ଡୁ ଚରଣ ସାହୁ, ନୟାଗଡ଼ ଉପ ସହକାରୀ ନିବନ୍ଧକ ଭାସ୍କର ପାଣିଗ୍ରାହୀ ଏବଂ ଅଡିଟର୍ ସୁଶାନ୍ତ କୁମାର ଦାଶଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସମବାୟ ବିଭାଗ ଆଡିସିନାଲ୍ ସେକ୍ରେଟେରୀ ରୋଜାଲିନ୍ ସେନାପତି କିଛିଦିନ ତଳେ ନିର୍ଦ୍ଦେଶ ଦେଇଥିଲେ। କୁରାଳ ସମବାୟ ସମିତିରେ ହରିଲୁଟ ହୋଇଥିବା ଅର୍ଥକୁ ଲୋକଙ୍କ ଫେରାଇବା ପାଇଁ ରାଜ୍ୟ ସମବାୟ ବିଭାଗ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯାଇ ନାହିଁ। ଏହା ସହିତ କୁରାଳ ପ୍ୟାକ୍ସ ସମ୍ପାଦକଙ୍କ ସମ୍ପତ୍ତି ଜବତ ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ନୟାଗଡ଼ ସମବାୟ ସମିତି ସମୂହ କର୍ମଚାରୀ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛନ୍ତି। ଶହ ଶହ ସଂଖ୍ୟାରେ ଜମାକାରୀ କୁରାଳ ସମବାୟ ସମିତିରେ ଅର୍ଥ ଡିପୋଜିଟ୍ କରି ହଇରାଣ ହୋଇଥିବା ବେଳେ ଏହାକୁ ନେଇ ଅନେକ ଥର ଆନ୍ଦୋଳନ ମଧ୍ୟ ହୋଇଛି। ସମବାୟ ବିଭାଗ ଆଡିସିନାଲ ସେକ୍ରେଟେରୀଙ୍କ ନିର୍ଦ୍ଦେଶରେ ଅଡିଟର ସୁଶାନ୍ତ କୁମାର ଦାଶଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଏବେ ଶୃଙ୍ଖଳାଗତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଚିଠି କରିଛନ୍ତି। ଅନ୍ୟପକ୍ଷରେ ଏଯାଏଁ ତତ୍କାଳୀନ ଦୁଇ ଉପ ସହକାରୀ ନିବନ୍ଧକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କିଏ ସେମାନଙ୍କୁ ଘଣ୍ଟ ଘୋଡ଼ାଉଛି ଏବଂ ଜମାକାରୀଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜମାକାରୀଙ୍କୁ କେବେ ସେମାନଙ୍କ ସଞ୍ଚିତ ଅର୍ଥ ଫେରସ୍ତ ମିଳିବ, ତାହା ମଧ୍ୟ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୨.୩୫ ● ପାଉଣ୍ଡ ୧୦୫.୧୧
- ୟୁରୋ ୯୦.୫୧ ● ୟେନ୍ ୦.୫୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୧୫୦ (ନୂଆଦିଲ୍ଲୀ)
- ରୁପା : ୭୬,୩୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୨,୦୮୫.୦୦
- ନିଫ୍ଟି ୨୧,୮୫୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ଆକ୍ସନ ମୋଡ୍‌ରେ ଆର୍‌ବିଆଇ

# ରଦ୍ଦହେବ ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ଲାଇସେନ୍ସ!

## ମିଳିବ କି ପେଟିଏମ୍‌କୁ ଶେଷ ସୁଯୋଗ

### ୨୯ ଫେବୃଆରୀ ଯାଏ ସାଧାରଣ ଲୋକ ବ୍ୟାଙ୍କରୁ ଟଙ୍କା ଉଠାଇପାରିବେ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପେଟିଏମ୍ ପେମେଣ୍ଟସ ବ୍ୟାଙ୍କର ପରିଚାଳନା ଲାଇସେନ୍ସ ରଦ୍ଦ କରିବା ପାଇଁ ଚିନ୍ତା କରୁଛି। ଜମାକାରୀଙ୍କ ସୁରକ୍ଷାକୁ ସୁରକ୍ଷିତ ରଖିବା ପରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରେ। ଉଲ୍ଲେଖଯୋଗ୍ୟ ଯେ ପେଟିଏମ୍‌ର ସହଯୋଗୀ କମ୍ପାନୀ ୱାନ୯୭ କମ୍ୟୁନିକେଶନ ନିକଟରେ ପେଟିଏମ୍ ବ୍ୟାଙ୍କରେ ୪୯ ପ୍ରତିଶତ ମାଲିକାନା ରହିଛି

ବ୍ଲୁମବର୍ଗର ରିପୋର୍ଟ ଅନୁସାରେ ଆସନ୍ତା ମାସ ଆରମ୍ଭରେ ଆରବିଆଇ ଲାଇସେନ୍ସ ରଦ୍ଦ କରିବା ନେଇ ଘୋଷଣା କରିପାରେ। ଏହାର ଅର୍ଥ ଏହା ଯେ ଲାଇସେନ୍ସ ରଦ୍ଦ ହେବା ପରେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର ଅସ୍ତିତ୍ୱ ରହିବନାହିଁ। ତେବେ ଆରବିଆଇ ପୂର୍ବରୁ ହିଁ ଘୋଷଣା କରିସାରିଛି ଯେ ଫେବ୍ରୁଆରୀ ୨୯ ପରେ ପେଟିଏମ ବ୍ୟାଙ୍କର ଅଧିକାଂଶ ସେବା ବନ୍ଦ ହୋଇଯିବ। ଫେବୃଆରୀ ୨୯ ପରେ କେନ୍ଦ୍ରୀୟ ବ୍ୟାଙ୍କ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

୨୯ ଫେବୃଆରୀ ପର୍ଯ୍ୟନ୍ତ ଆରବିଆଇ କେବଳ ସାଧାରଣ ଲୋକଙ୍କୁ ପେଟିଏମ୍ ପେମେଣ୍ଟ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ସମୟ ଦେଇଛି।

ଏହା ମଧ୍ୟରେ ମୋର୍ଗାନ୍ ଷ୍ଟେନ୍‌ଲେ ଶୁକ୍ରବାର ମୁକ୍ତ ବଜାର ଜରିଆରେ ପ୍ରାୟ ୨୪୪ କୋଟି ଟଙ୍କାରେ ୱାନ୯୭ କମ୍ୟୁନିକେଶନ ଲିମିଟେଡରେ ୦.୮ ପ୍ରତିଶତ ଅଂଶଧନ ହାସଲ କରିଛି। ଏହା ପୂର୍ବରୁ ୱାନ୯୭ କମ୍ୟୁନିକେଶନ ଲିମିଟେଡର ସିଇଓ ବିଜୟ ଶେଖର ଶର୍ମା ପେଟିଏମ ପେମେଣ୍ଟ ବ୍ୟାଙ୍କ ଉପରେ ଆରବିଆଇର କାର୍ଯ୍ୟାନୁଷ୍ଠାନ ଉପରେ ସଫେଇ ଦେଇଥିଲେ । ସେ ସ୍ପଷ୍ଟ କରିଥିଲେ ଯେ ଡିଜିଟାଲ ନେଣଦେଣ ଏବଂ ଆପ୍ ପେଟିଏମ କାମ କରୁଛି ଏବଂ ଫେବ୍ରୁଆରୀ ୨୯ ପରେ ବି ସବୁବେଳେ କାମ କରିବ। ୟୁପିଆଇ କାରବାର, ବ୍ୟାଙ୍କ ଟ୍ରାନ୍ସଫର ଏବଂ ମୋବାଇଲ ରିଚାର୍ଜ ଭଳି ପେଟିଏମରେ ସେବାଗୁଡିକ ଉପଲବ୍ଧ ଥିବାବେଳେ ଆରବିଆଇ ବର୍ତ୍ତମାନ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର ସମସ୍ତ ସେବାକୁ ବାରଣ କରିଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ଆୟକର ଅଡିଟ୍ ନ କରିବା ମଧ୍ୟ ଏହାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି।




# ଆଜି ତଲାବିରା ତାପଜ ବିଦ୍ୟୁତ୍ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

**୨୭ ହଜାର କୋଟି ନିବେଶ**

**୨୪୦୦ ମେଗାୱାଟ କ୍ଷମତା ବିଶିଷ୍ଟ ତାପଜ ବିଦ୍ୟୁତ କେନ୍ଦ୍ର**

**ଭୁବନେଶ୍ୱର,୨।୨(ସମିସ):** କୋଇଲା ମନ୍ତ୍ରଣାଳୟ ଅଧୀନସ୍ଥ ଏନ୍‌ଏଲସି ଇଣ୍ଡିଆ ଲିମିଟେଡ୍ ୨୭,୨୧୨ କୋଟି ଟଙ୍କା ବିନିଯୋଗରେ ଝାରସୁଗୁଡା ଜିଲାର ତାଲାବିରାଠାରେ ୨୪୦୦ ମେଗାୱାଟ କୋଇଲା ଆଧାରିତ ଅଲଟ୍ରା ସୁପର କ୍ରିଟିକାଲ ପିଟ୍ ହେଡ୍ ତାପଜ ବିଦ୍ୟୁତ କେନ୍ଦ୍ର ସ୍ଥାପନ କରୁଛି। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୮୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ ସହିତ ୮୦୦ ମେଗାୱାଟ ମଧ୍ୟ ଯୋଜନା କରାଯାଇଛି। ଫେବୃଆରୀ ୩ରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏକ ପିଟ୍ ହେଡ ପ୍ରକଳ୍ପର ପାଇଁ ଏନ୍‌ଏଲସି ଇଣ୍ଡିଆ ଲିମିଟେଡର ନିକଟବର୍ତ୍ତୀ ତଲାବିରା-୨ ଏବଂ-୩ ଖଣିରୁ ଏହି ୟୁନିଟ ପାଇଁ କୋଇଲା ଯୋଗାଣ କରାଯିବ। ଇକୋ-ଫ୍ରେଣ୍ଡଲି କନଭେୟର ସିଷ୍ଟମ ମାଧ୍ୟମରେ, ସଡ଼କ ଏବ ରେଳ ପରିବହନ ପାଇଁ କୌଣସି ଖର୍ଚ୍ଚକୁ ସାମିଲ ନ କରି ଏହି ପ୍ରକଳ୍ପ ଦ୍ୱାରା ଦେଶର ସମସ୍ତ ତାପଜ ବିଦ୍ୟୁତ କେନ୍ଦ୍ର ମଧ୍ୟରେ ସବୁଠାର ଶସ୍ତା ଦରରେ ବିଦ୍ୟୁତ ଯୋଗାଣ ହୋଇପାରିବ। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଏବଂ ଅନ୍ୟ ଦକ୍ଷିଣ ହିତାଧିକାରୀ ରାଜ୍ୟ ଗୁଡ଼ିକୁ ୧୭୮୭ କୋଟି ୟୁନିଟ ବିଜୁଳି ମିଳିବ। ଏହି ପ୍ରକଳ୍ପ ଉଭୟ ଷ୍ଟେସନର ନିର୍ମାଣ ଏବଂ ପରିଚାଳନା ପର୍ଯ୍ୟୟରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ଅନେକ ପରୋକ୍ଷ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟିହେବ। ଏହିପ୍ରକଳ୍ପ ଏହି ଅଂଚଳର ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ଯଥେଷ୍ଟ ପ୍ରୋତ୍ସାହନ ଦେବ।

# ଜୟଆଲୁକ୍କାସ୍ ବଡ଼ ରିଆତି ଅଫର

**ଭୁବନେଶ୍ୱର,୨।୨(ସମିସ):** ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍ ଅଳଙ୍କାର ପ୍ରେମୀଙ୍କ ପାଇଁ ଏକ ଆକର୍ଷଣୀୟ ଅଫର ଆଣିଛି। ଏଥିରେ ଜୟଆଲୁକ୍କାସ୍‌ର ସବୁ ଗହଣା ଉପରେ ଫ୍ଲାଟ୍ ୫୦% ରିଆତି ମିଳିବ। ଏହି ଅଫର କେବଳ ସୀମିତ ସମୟ ପାଇଁ ଉପଲବ୍ଧ। ସୁନା, ହୀରା, ମୂଲ୍ୟବାନ ପଥର ଓ ରୁପା ଅଳଙ୍କାର ସମେତ ଗହଣାର ବ୍ୟାପକ ସମ୍ଭାର ଉପରେ ଏହି ସ୍ୱତନ୍ତ୍ର ରିହାତି ମିଳିବ। ଲକ୍ଷାଧିକ ଡିଜାଇନ ବିକଳ୍ପ ସହିତ ଜୟଆଲୁକ୍କାସ୍ ଉଭୟ ପାରମ୍ପରିକ ଓ ସମସାମୟିକ ଗ୍ରାହକଙ୍କ ଚାହିଦା ପୂରଣ କରିଥାଏ ସାରା ବିଶ୍ୱରେ ଲକ୍ଷାଧିକ ଲୋକ ପସନ୍ଦ କରୁଥିବା ସ୍ୱତନ୍ତ୍ର ସଂଗ୍ରହ ଉପସ୍ଥାପନ କରିଥାଏ। ଉତ୍କର୍ଷ ପ୍ରତି ବ୍ରାଣ୍ଡର ସଂକଳ୍ପବଦ୍ଧତା ଏହାର ଶୋ'ରୁମ୍‌ରେ ବିସ୍ତାରିତ ହୋଇଥାଏ, ଯାହା ସୁନ୍ଦର ପରିବେଶ, ବ୍ୟକ୍ତିଗତ ଆବଶ୍ୟକତା ଅନୁରୂପ ଗ୍ରାହକ ସେବା ଏବଂ ସୁବିଧାଜନକ ପାର୍କିଂ ସହିତ ବିଶ୍ୱସ୍ତରୀୟ ଗ୍ରାହକ ଅନୁଭୂତି ସୁନିଶ୍ଚିତ କରିଥାଏ। ଏହି ଅଫର୍ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ୍ କହିଛନ୍ତି ଆମେ ଏକ ଅତୁଳନୀୟ ଗହଣା କ୍ରୟ ଅନୁଭୂତି ପ୍ରଦାନ କରିବା ଲାଗି ସଂକଳ୍ପବଦ୍ଧ। ଆମ ପୃଷ୍ଠପୋଷକମାନେ ନିଜର ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରିବା ଲାଗି ଗହଣାର ଚମତ୍କାର ଓ ବ୍ୟାପକ ବିକଳ୍ପ ମଧ୍ୟରୁ ବାଛିବାର ସୁଯୋଗ ପାଇପାରିବେ।

### ସୌର ପ୍ରଯୁକ୍ତି କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶକୁ ମିଳିବ ପ୍ରୋତ୍ସାହନ

# ଏକ ଲକ୍ଷ କୋଟିର ନୂତନ କର୍ପସ ପାଣ୍ଠି ଗଠନ ପ୍ରସ୍ତାବ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ଏହା ପ୍ରଯୁକ୍ତିରେ ରୁଚି ରଖୁଥିବା ଯୁବଗୋଷ୍ଠୀଙ୍କ ନିମନ୍ତେ ଏକ ସ୍ୱର୍ଣ୍ଣିମ ଯୁଗର ଅୟମାରମ୍ଭ କରିବ ବୋଲି ନିର୍ମଳା ସୀତାରମଣ କହିଛନ୍ତି। କର୍ପସ ପାଣ୍ଠି ୫୦ ବର୍ଷ ପାଇଁ ସୁଧହୀନ ଋଣ ପାଇଁ ଗଠିତ ହେବ। ପ୍ରଯୁକ୍ତିକୁ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ସଶକ୍ତ କରି ଆତ୍ମନିର୍ଭରତାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ନୂତନ ଯୋଜନା ପ୍ରସ୍ତାବ ରଖିଛି।



ସୌର ପ୍ରଯୁକ୍ତିରେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ କେନ୍ଦ୍ର ସରକାର ଚଳିତ ଅନ୍ତରୀଣ ବଜେଟର ଏକ ଲକ୍ଷ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ସୃଷ୍ଟି କରିବାକୁ ପ୍ରସ୍ତାବ ଦେଇଛନ୍ତି। ସଂସଦରେ ବଜେଟ ଉପସ୍ଥାପନ ସମୟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଏହା ପ୍ରଯୁକ୍ତିରେ ରୁଚି ରଖିଥିବା ଯୁବଗୋଷ୍ଠୀ ନିମନ୍ତେ ଏକ ସ୍ୱର୍ଣ୍ଣିମ ଯୁଗର ଅୟମାରମ୍ଭ କରିବ ବୋଲି କହିଛନ୍ତି। ଏହି କର୍ପସ ପାଣ୍ଠି ପଚାଶ ବର୍ଷ ପର୍ଯ୍ୟନ୍ତ ସୁଧ ବିହୀନ ଋଣ ସହ ସୃଷ୍ଟି କରାଯିବ। ଏହା ଦୀର୍ଘମିଆଦୀ ଋଣ ଓ ପୁନଃ ଋଣ ଖୁବ କମ କିମ୍ବା ବିନା ସୁଧରେ ପ୍ରଦାନ କରିବ। ଏହା ଘରୋଇ କ୍ଷେତ୍ରକୁ ସୌର ଶକ୍ତି କ୍ଷେତ୍ରରେ ଗବେଷଣା ଓ ନବୋନ୍ମେଷ ନିମନ୍ତେ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବ। ଯେଉଁ କାର୍ଯ୍ୟକ୍ରମ ଆମ ଯୁବାଗୋଷ୍ଠୀର ଶକ୍ତି ଓ ପ୍ରଯୁକ୍ତିକୁ ଏକାଠି କରିବ ଆମେ ସେହି କାର୍ଯ୍ୟକ୍ରମ ଆରମ୍ଭ କରିବୁ ବୋଲି ଅର୍ଥ ମନ୍ତ୍ରୀ କହିଛନ୍ତି। ଆତ୍ମନିର୍ଭରଶୀଳତାକୁ ପ୍ରେତ୍ସାହନ ଦେବା ନିମନ୍ତେ ପ୍ରତିରକ୍ଷା କ୍ଷେତ୍ର ପାଇଁ ଉଚ୍ଚମାନ ଯୁକ୍ତ ପ୍ରଯୁକ୍ତି ମଜଭୁତ କରିବା ନିମନ୍ତେ ସୀତାରମଣ ଏକ ନୂତନ ଯୋଜନା ପ୍ରସ୍ତାବ ରଖିଛନ୍ତି। ଏହି ପଦକ୍ଷେପ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି କରିବା ସହ ସୁଲଭ ମୂଲ୍ୟରେ ଉଚ୍ଚ ଗୁଣାତ୍ମକ ସେବା ସମାଜର ତଳୁ ଉପର ସ୍ତର ପର୍ଯ୍ୟନ୍ତ ଯୋଗାଇବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବୈଶ୍ୱିକ ସ୍ତରରେ ଭାରତ ପାଇଁ ସୁଯୋଗ ବୃଦ୍ଧି ପାଉଥିବା ବିଷୟ କହି ସୀତାରମଣ ଭାରତ ନବୋନ୍ମେଷ ଓ ଏହାର ଲୋକମାନଙ୍କ ଔଦ୍ୟୋଗିକ ମନୋଭାବ ଯୋଗୁ ସମାଧାନ ସୂତ୍ର ବାହାର କରିଛି ବୋଲି କହିଛନ୍ତି।

# ବଜେଟ ୨୦୨୪: ଅଟୋ କ୍ଷେତ୍ରକୁ ଶକ୍ତ ଝଟ୍‌କା

### ହାଇବ୍ରିଡ କାର୍ ଓ ଇଭି ନିର୍ମାଣ ପାଇଁ ଆବଣ୍ଟିତ ବଜେଟରେ ୪୪%ରୁ ଅଧିକ ହ୍ରାସ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ଗୁରୁବାର ସଂସଦରେ ଉପସ୍ଥାପନ ହୋଇଥିବା କାମଚଳା ବଜେଟରେ ଦେଶର ଅଟୋ କ୍ଷେତ୍ରକୁ ଶକ୍ତ ଝଟ୍‌କା ଲାଗିଛି। ଆର୍ଥିକବର୍ଷ ୨୦୨୪-୨୫ ପାଇଁ ଏଫ୍‌ଏଏମ୍‌ଇ (ଫାଷ୍ଟର ଆଡପସନ ଆଣ୍ଡ ମାନୁଫେକ୍ଚରିଂ ଅଫ୍ ହାଇବ୍ରିଡ ଆଣ୍ଡ ଇଲେକ୍ଟ୍ରିକ ଭେଇକଲ ଇନ୍ ଇଣ୍ଡିଆ) ଯୋଜନାରେ ବଜେଟରେ ବଡ଼ ଧରଣର ହ୍ରାସ କରାଯାଇଛି। ୨୦୨୪-୨୫ ଆର୍ଥିକବର୍ଷରେ ଏଫ୍‌ଏଏମ୍‌ଇ ଯୋଜନା ପାଇଁ ୨,୬୭୧.୩୩ କୋଟି ଆବଣ୍ଟିତ କରାଯାଇଛି। ଯାହା ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୪୪ ପ୍ରତିଶତରୁ ବି କମ୍। ଗତବର୍ଷ ବଜେଟରେ ଏଥିପାଇଁ ୫,୧୭୧.୯୭ କୋଟି ଆବଣ୍ଟନ କରାଯାଇଥିଲା।

## କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଆରବିବି ବ୍ୟାଙ୍କ ନେପାଳ-ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଏମ୍‌ଓୟୁ



**ଭୁବନେଶ୍ୱର,୨।୨(ସମିସ):** କର୍ମଚାରୀଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ପାଇଁ ନେପାଳର ରାଷ୍ଟ୍ରୀୟ ବାଣିଜ୍ୟ ବ୍ୟାଙ୍କ ଲିମିଟେଡ୍ (ଆରବିବିଏଲ୍) ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଆରବିବିଏଲ୍‌ର ୫୦୦ କର୍ମଚାରୀଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବା ଏମଓୟୁର ମୂଳ ଉଦ୍ଦେଶ୍ୟ। ଏହି ପଦକ୍ଷେପ ମାଧ୍ୟମରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଆର୍ଥିକ କ୍ଷେତ୍ରର ଗତିଶୀଳ ଆରବିଏଲ୍ ବ୍ୟାଙ୍କର କର୍ମଚାରୀଙ୍କୁ ପ୍ରଭାବଶାଳୀ ଭାବରେ ବ୍ୟାଙ୍କ ଚଳାଇବାର ଆବଶ୍ୟକ କୌଶଳ ଏବଂ ଜ୍ଞାନର ତାଲିମ ଦେବାକୁ ଲକ୍ଷ୍ୟ ରଖିଛି। ଏଥିରେ ଡେପୁଟି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେଶ ପ୍ରସାଦ ଲୋହାନୀ,ଡେପୁଟି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଗା କୁମାରୀ କାଣ୍ଡେଲ,ମ୍ୟାନେଜର ବିନୋଦ ନିୟୁପାନେ, ମୁଖ୍ୟ ପରିଚାଳକ ଭୀମପ୍ରସାଦ ଘିମେର ଏବଂ ମୁଖ୍ୟ ପରିଚାଳକ ପଦ୍ମ ଲକ୍ଷ୍ମୀ ଜି.ସି, ଡ. ବିନୋଦ ଆତ୍ରେୟା ନେପାଳର ବ୍ୟାଙ୍କିଙ୍ଗ୍, ଫାଇନାନ୍ସ ଏବଂ ଇନ୍‌ସ୍ୟୁରାନ୍ସ ଇନଷ୍ଟିଚ୍ୟୁଟ୍ ମଧ୍ୟ ଉପସ୍ଥିତ ଥିଲେ।

## ଟାଟା ହିଟାଚିର ଇଏକ୍ସ ୨୧୦ଏଲ୍‌ସି ପ୍ରାଇମ୍ ବଜାରରେ

**ଭୁବନେଶ୍ୱର,୨।୨(ସମିସ):** ଟାଟା ହିଟାଚି ପକ୍ଷରୁ ଏହାର ଇଏକ୍ସ ୨୧୦ଏଲ୍‌ସି ପ୍ରାଇମ୍‌ର ଶୁଭାରମ୍ଭ କରାଯାଇଛି। ବଜାର ପ୍ରବେଶ ଅବସରରେ ଗ୍ରାହକ, ଟାଟା ହିଟାଚି ଓ ତ୍ରିଶୁଳ ଟ୍ରେଡ୍ ପ୍ରାଇଭେଟ ଲିମିଟେଡ (ଅଥୋରାଇଜ୍ଡ ଡିଲର ପାର୍ଟନର)ର ବରିଷ୍ଠ ପରିଚାଳନା ଅଧିକାରୀମାନେ ଉପସ୍ଥିତ ଥିଲେ। ଉଚ୍ଚ ଇନ୍ଧନ ଦକ୍ଷତା, ନିମ୍ନ ରକ୍ଷଣାବେକ୍ଷଣ ଖର୍ଚ୍ଚ ଓ ଉଚ୍ଚ ରି-ସେଲ ଭାଲ୍ୟୁ ସହିତ ନୂଆ ଇଏକ୍ସ ୨୧୦ଏଲ୍‌ସି ପ୍ରାଇମ୍ ଏହି ବର୍ଗରେ ଗ୍ରାହକଙ୍କୁ ନିବେଶ ଉପରେ ସର୍ବୋଚ୍ଚ ରିଟର୍ଣ୍ଣର ପ୍ରତିଶ୍ରୁତି ଦେଉଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ସମ୍ପର୍କରେ ଟାଟା ହିଟାଚିର ମାର୍କେଟିଂ ବିଭାଗର ଜେନେରାଲ ମ୍ୟାନେଜର ବିକେଆର୍ ପ୍ରସାଦ କହିଛନ୍ତି, ଟାଟା ହିଟାଚିର ଉତ୍ପାଦ ଶୃଙ୍ଖଳାରେ ଏକ ଅତ୍ୟାଧୁନିକ ଯୋଗ ଉଦ୍ଭାବନ ପ୍ରତି କମ୍ପାନୀର ଦୃଢ ପ୍ରତିବଦ୍ଧତା ଏବଂ ଖନନର ଭବିଷ୍ୟତକୁ ନିର୍ମାଣ କରିବା ପ୍ରତି ଏହାର ଉତ୍ସର୍ଗୀକୃତତାର ଏକ ପ୍ରମାଣ। ଇଏକ୍ସ ୨୧୦ଏଲ୍‌ସି ପ୍ରାଇମ୍ ପାଇଁ ପ୍ରମୁଖ ଆକର୍ଷଣଗୁଡ଼ିକ ମଧ୍ୟରେ ନୂଆ ଓ ଉନ୍ନତ ଇଞ୍ଜିନ୍, ବୃହତ୍ ଆକାରର ବକେଟ୍, ଆଇଓଏଚ୍‌ଏସ୍ ଅତ୍ୟାଧୁନିକ ହାଇଡ୍ରୋଲିକ୍ ସିଷ୍ଟମ ଆଦି ରହିଛି।

## ଏସ୍‌କେ ରେହମାନ୍ ଆଣ୍ଡ ଏସ୍‌ଏଫ୍ ରେହମାନ୍ ପମ୍ପରେ ବିଜ୍‌ନେସ୍ ଆଚିଭ୍‌ମେଣ୍ଟ ଆୱାର୍ଡ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨।୨(ସମିସ):** ବିପିସିଏଲ୍ ପକ୍ଷରୁ ରସୁଲଗଡ଼ ସ୍ଥିତ ଏସ୍‌କେ ରେହମାନ୍ ଆଣ୍ଡ ଏସ୍‌ଏଫ୍ ରେହମାନ୍ ପମ୍ପଠାରେ ବିଜ୍‌ନେସ୍ ଆଚିଭ୍‌ମେଣ୍ଟ ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌କେ ରେହମାନ୍ ଆଣ୍ଡ ଏସ୍‌ଏଫ୍ ରେହମାନ୍ ପମ୍ପକୁ ବିପିସିଏଲ୍ ପକ୍ଷରୁ ଓଡ଼ିଶାର ଶ୍ରେଷ୍ଠ ଆଉଟ୍‌ଲେଟ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍, ଭୁବନେଶ୍ୱର ପେଟ୍ରୋଲିୟମ୍ ଡିଲର ସଂଘର ସଭାପତି ବିକ୍ରି ନାରାୟଣ ସାମନ୍ତରାୟ ଏବଂ ବିପିସିଏଲ୍‌ର ଫ୍ଲିଟ୍ ଅଧିକାରୀ ଅସିତ୍ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାଇଁ ପମ୍ପ ପକ୍ଷରୁ ବିପିସିଏଲ୍‌ର ଡିଲର ଏବଂ କମ୍ପାନୀ ଅଧିକାରୀମାନଙ୍କୁ ଧନ୍ୟବାଦ୍ ଦିଆଯାଇଛି।

## ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ଚିନ୍ତନଶୀଳ ପୋର୍ଟଫୋଲିଓ

**ଭୁବନେଶ୍ୱର,୨।୨(ସମିସ):** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ୨୦୨୪ରେ ଏକ ଚିନ୍ତନଶୀଳ ପୋର୍ଟଫୋଲିଓ ଆଭିମୁଖ୍ୟ ପାଇ ଅନ୍ତର୍ଦୃଷ୍ଟି ଉନ୍ମୋଚନ କରିଛି। ବିବିଧ ବଜାର ପରିସ୍ଥିତିରେ ଏକ ସନ୍ତୁଳନ ବଜାୟ ରଖିବା ପାଇ ଜଣଙ୍କର ପୋର୍ଟଫୋଲିଓକୁ ସମସ୍ତ ବଜାର ପୁଞ୍ଜିରେ ବିବିଧକରଣ କରିବା ସପକ୍ଷରେ ଡିଏସ୍‌ପି ଯୁକ୍ତି ଦର୍ଶାଉଛି। ବର୍ଷକ ପୂର୍ବରୁ କେହି ଜଣେ ହେଲେ ୨୦୨୩ରେ ବଜାର କିଭଳି ରିଟର୍ଣ୍ଣ ଦେବ ସେ ସମ୍ପର୍କରେ ଅନୁମାନ କରି ନ ଥିଲେ। ବିଶ୍ୱ ଅର୍ଥନୀତି ଆଶାତୀତ ଭାବରେ ମଜଭୁତପଣ ପ୍ରମାଣିତ କରିଥିଲା, ମୁଦ୍ରାସ୍ଫୀତି ଅନୁମାନ କରାଯାଉଥିବା ବେଗଠାରୁ ଦ୍ରୁତ ବେଗରେ ହ୍ରାସ ପାଇଥିଲା।

## ଅଭିବୃଦ୍ଧି ଜାରି ରଖିଛି ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍

**ଭୁବନେଶ୍ୱର,୨।୨(ସମିସ):** ଭାରତର ଅଗ୍ରଣୀ ପରିବେଶ-ଅନୁକୂଳ ପେଣ୍ଟସ କମ୍ପାନୀ ଏବଂ ୨୩ ବିଲିୟନ ଡଲାରର ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଏକ ଅଂଶ ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ ୫ ବର୍ଷ ପୂର୍ବେ ଏହାର ବଜାର ପ୍ରବେଶ ପରଠାରୁ ନିଜ ବ୍ୟବସାୟରେ ଶିଳ୍ପ ତୁଳନାରେ ୫ ଗୁଣ ଅଧିକ ଅଭିବୃଦ୍ଧି ହାସଲ କରିଛି। ୨୦୨୨ ଆର୍ଥିକବର୍ଷରେ ୧୦୦୦ କୋଟି ଟଙ୍କା ଅତିକ୍ରମ କରିବା ପରେ କମ୍ପାନୀ କେବଳ ୧୫ ମାସ ମଧ୍ୟରେ ୨୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କମ୍ପାନୀ ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦୦୦ କୋଟି ଟଙ୍କାରୁ ଅଧିକର କାରବାର ହାସଲ କରିବା ପାଇଁ ଟ୍ରାକରେ ରହିଛି। କମ୍ପାନୀଖୁବ୍ କମ୍ ଅବଧି ମଧ୍ୟରେ ପରବର୍ତ୍ତୀ ୧୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବା ନେଇ ଦୃଢ ନିଶ୍ଚିତ ରହିଛି। ବର୍ତ୍ତମାନ ଏହା ଚଳିତ ଆର୍ଥିକବର୍ଷର ପ୍ରଥମ ୯ ମାସ ମଧ୍ୟରେ ୧୫୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହାସଲ କରିଥିବା ଜେଏସ୍‌ଡବ୍ଲ୍ୟୁ ପେଣ୍ଟସର ଏମ୍‌ଡି ପାର୍ଥ ଜିନ୍ଦଲ କହିଛନ୍ତି।

## ନୂଆ ରେକର୍ଡ ସୃଷ୍ଟି କରିଛି ସୁପର୍ ସପ୍ସି ମେଳା

**ଭୁବନେଶ୍ୱର,୨।୨(ସମିସ):** ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ହାଇପର୍-ଭାଲ୍ୟୁ ଇକମର୍ସ ପ୍ଲାଟଫର୍ମ ସପ୍ସି ବାଏ ଫ୍ଲିପ୍କାର୍ଟ ପକ୍ଷରୁ ନିକଟରେ ଶୀତ ଋତୁ ପାଇଁ ଏହାର ସପିଂ ଫେଷ୍ଟିଭାଲ ସୁପର୍ ସପ୍ସି ମେଳା ଶେଷ ହୋଇଛି। ଏହି ସୁପର୍ ସପ୍ସି ମେଳା ସେଲ୍ ଇଭେଣ୍ଟ ସମୟରେ ସପ୍ସି ଟିୟର ୨ ଓ ଏହା ବାହାରର ସହରଗୁଡିକରେ ଗ୍ରାହକଙ୍କ ବର୍ଦ୍ଧିତ ଅଂଶଗ୍ରହଣ ପରିଲକ୍ଷିତ କରିଛି। ଏଥିସହିତ ଏହି ଇଭେଣ୍ଟ ସମୟରେ ଦେଶବ୍ୟାପୀ ଲୋକାଲ ସେଲରମାନେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ଏକାଠି ହୋଇଥିଲେ। ଏହି ଇଭେଣ୍ଟ ଲକ୍ଷ ଲକ୍ଷ ଆଞ୍ଚଳିକ ସେଲରମାନଙ୍କ ପାଇଁ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିଛି। ସପ୍ସି ଆପ୍‌ରେ ଗ୍ରାହକ ସଂଖ୍ୟା ୪୧% ବୃଦ୍ଧି ପାଇଥିବାବେଳେ ଏହି ଶୀତକାଳିନ ସେଲ୍ ଇଭେଣ୍ଟ ସମୟରେ ପ୍ରଥମ ଥର ଇକମର୍ସରେ ସପିଂ କରୁଥିବା ସପିଂ ସଂଖ୍ୟା ୩୫% ରହିଥିଲା।

### ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ - ୨୦୨୪

# ଭାରତ ବିଶ୍ୱ ଅର୍ଥନୈତିକ ପାୱାରହାଉସ୍ ହେବାର ଦ୍ୱାରଦେଶରେ: ପ୍ରଧାନମନ୍ତ୍ରୀ




**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ପ୍ରଦର୍ଶନୀ 'ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୪' ସମଗ୍ର ଗତିଶୀଳତା ଏବଂ ଯୋଗାଣ ଶୃଙ୍ଖଳା ସମୁଦାୟକୁ ଗୋଟିଏ ପ୍ଲାଟଫର୍ମରେ ଆଣିଛି। ପ୍ରଥମ ଓ ଦ୍ୱିତୀୟ ତୁଳନାରେ ତୃତୀୟ ପାଳିରେ ଗତିଶୀଳତା ନୂତନ ଉଚ୍ଚତା ଦେଖିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ଦୋହରାଇ ପ୍ରଧାନମନ୍ତ୍ରୀ ଗତିଶୀଳତା କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଭାରତର ସର୍ବବୃହତ ଏବଂ ପ୍ରଥମ ମୋବିଲିଟି ପ୍ରଦର୍ଶନୀ 'ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୪'ରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାରତର ଅର୍ଥନୀତି ଦ୍ରୁତ ଗତିରେ ବିସ୍ତାରିତ ହେଉଛି। ଭାରତ ବର୍ତ୍ତମାନର ସରକାରଙ୍କ ତୃତୀୟ କାର୍ଯ୍ୟକାଳ ରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ରେ ପରିଣତ ହେବାକୁ ଯାଉଛି। ବିଗତ ୧୦ ବର୍ଷ ମଧ୍ୟରେ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ ଯେ ପାଖାପାଖି ୨୫ କୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଛନ୍ତି। ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ଯେତେବେଳେ ଜଣେ ନାଗରିକ ଦାରିଦ୍ର୍ୟରୁ ମୁକୁଳିଥାଏ, ସେତେବେଳେ ପରିବହନ ମାଧ୍ୟମଭାବେ ସାଇକେଲ, ଦୁଇଚକିଆ କିମ୍ବା ଚାରିଚକିଆ ଯାନ ହେଉ ସେମାନଙ୍କର ପ୍ରଥମ ଆବଶ୍ୟକତା ହୋଇଯାଏ। ଏକ ନବ-ମଧ୍ୟବିତ୍ତ ଶ୍ରେଣୀର ଆବିର୍ଭାବ ବିଷୟରେ ସୂଚନା ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦୀ ଏଭଳି ଅର୍ଥନୈତିକ ସ୍ତରରେ ମିଳୁଥିବା ଆକାଂକ୍ଷା ପୂରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶର ମଧ୍ୟବିତ୍ତ ବର୍ଗଙ୍କ ବିସ୍ତାରିତ କ୍ଷେତ୍ର ଏବଂ ବଢୁଥିବା ଆୟ ଭାରତର ଗତିଶୀଳତା କ୍ଷେତ୍ରକୁ ଶକ୍ତି ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଭାରତରେ ବିକ୍ରି ହେଉଥିବା କାର୍ ସଂଖ୍ୟା ୧୦ ବର୍ଷ ପୂର୍ବରୁ ୨୦୧୪ରେ ୧୨ କୋଟି ରହିଥିଲା ଯାହାକି ବର୍ତ୍ତମାନ ୨୧ କୋଟିକୁ ବୃଦ୍ଧି ପାଇଛି। ଭାରତରେ ବିକ୍ରି ହେଉଥିବା ଇଲେକ୍ଟ୍ରିକ୍ କାର ସଂଖ୍ୟା ୧୦ ବର୍ଷ ପୂର୍ବେ ବାର୍ଷିକ ୨ ହଜାରରୁ ଆଜି ୧୨ ଲକ୍ଷକୁ ବୃଦ୍ଧି ପାଇଛି। ଗତ ୧୦ ବର୍ଷ ମଧ୍ୟରେ ଯାତ୍ରୀବାହୀ ଯାନ ସଂଖ୍ୟା ୬୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଦୁଇ ଚକିଆ ଯାନ ସଂଖ୍ୟା ୭୦ ପ୍ରତିଶତ ବୃଦ୍ଧି ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ୨ କେଜି ଗଞ୍ଜେଇ ଜବତ; ଜଣେ ଗିରଫ



**ଖୋର୍ଦ୍ଧା/ବେଗୁନିଆ, ୨।୨(ସମିସ):** ଡାଳତୋଳା ଛକରେ ଖୋର୍ଦ୍ଧା ଅବକାରୀ ଟିମ୍ ଚଢଉ କରି ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛନ୍ତି। ଗିରଫ ବେପାରୀ ବେଗୁନିଆ ଥାନା ଦେଉଳି ଗ୍ରାମର ରାକେଶ କୁମାର ଦାସ(୩୪)। ଅବକାରୀ ପୁଲିସ ତାଙ୍କ ଠାରୁ ୨ କିଲୋ ୧୦୦ ଗ୍ରାମ ଗଞ୍ଜେଇ ସମେତ ବାଇକ୍‌କୁ ଜବତ କରିଛି।

ସୂଚନା ଅନୁସାରେ, ରାକେଶ ଦୀର୍ଘ ଦିନରୁ ଚୋରା ଗଞ୍ଜେଇ କାରବାର କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଶୁକ୍ରବାର ବାଇକ୍‌ରେ ଗଞ୍ଜେଇ ଧରି ରାକେଶ ଆସୁଥିବା ଖବର ପାଇ ଅବକାରୀ ପୁଲିସ ତାକୁ ଧରିବାକୁ ଯୋଜନା କରିଥିଲା। ଅବକାରୀ ସୁପରିଟେଣ୍ଡେଣ୍ଟ ଝସକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଡାଳତୋଳା ଛକରେ ଜଗି ରହିଥିଲେ। ବାଇକ୍ ନଂ- ଓଡି ୦୨ଏଏଫ ୭୦୩୯ରେ ରାକେଶ ଗଞ୍ଜେଇ ନେଇ ଆସୁଥିବା ବେଳେ ତାକୁ ଧରିଥିଲେ।

# ଗଡ଼ଖୋର୍ଦ୍ଧା ଛକରେ ସିରିଜ ଦୁର୍ଘଟଣା; ୬ଆହତ

## ତୀର୍ଥଯାତ୍ରୀ ବସ୍‌କୁ ଧକ୍କା ଦେଲା ହାଇୱା, ପଛରେ ପିଟିଲା ଟାଟା ଏସ୍

**ଖୋର୍ଦ୍ଧା, ୨।୨(ସମିସ)**

୧୬ନଂ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକଠାରେ ସକାଳ ପ୍ରାୟ ୬ଟାରେ ସିରିଜ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରେ ଥୁଆ ହୋଇଥିବା ଏକ ଯାତ୍ରୀବାହୀ ବସ୍‌କୁ ପଛରୁ ଦ୍ରୁତଗତିରେ ଆସୁଥିବା ହାଇୱା ଧକ୍କା ଦେଇଥିଲା। ଏହା ପଛକୁ ଏକ ଟାଟାଏସଇ ଗାଡ଼ି ଧକ୍କା ଦେଇଥିଲା। ମାତ୍ର ଏଥିରେ କେହି ଗୁରୁତର ହୋଇନଥିବା ବେଳେ ୬ଜଣ ସାମାନ୍ୟ ଆହତ ହୋଇଛନ୍ତି। ଆହତମାନେ ହେଲେ ବସ୍‌ରେ ଥିବା ଯାତ୍ରୀ ରାୟଗଡ଼ା ଗୁଡାରୀ ଶ୍ରୀଧର ଶବର (୫୦), ବଡୁଜା ଦଳପତି (୫୦), ତାଙ୍କ ପତ୍ନୀ କୁମାରୀ ଦଳପତି (୪୫) ଓ ଶୁକୁଲି ଶବର (୪୫) ସମେତ ଟାଟାଏସିଇ ଡ୍ରାଇଭର ଟାଙ୍ଗୀ ଥାନା କୁହୁଡିର ହିରଣାକ୍ଷ୍ୟ ନାୟକ (୪୬) ଏବଂ ହେଲପର ମାନସିଂପୁର ର ରାଜୀବ ବେହେରା (୪୦)। ଖବର



ପାଇ ପୁଲିସ ସାମାନ୍ୟ ଆହତଙ୍କୁ ଖୋର୍ଦ୍ଧା ମେଡିକାଲରେ ପ୍ରାଥମିକ ଚିକିତ୍ସା କରିଥିଲା। ପରେ ସେମାନେ ଫେରିଥିବା ଜଣାଯାଇଛି। ଏହି ଘଟଣାରେ ଶିଳ୍ପାଞ୍ଚଳ ଥାନା ପୁଲିସ ୨୭/୨୪ରେ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିଗୁଡିକୁ ଜବତ କରିଥିବା ବେଳେ ହାଇୱା ଡ୍ରାଇଭର ମଳିପଡ଼ାର ଦୀପକ ବେହେରା (୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ, ରାୟଗଡ଼ା ଜିଲ୍ଲା ଗୁଡାରି ଏନଏସି ଅଞ୍ଚଳରୁ ୪୫ ଜଣ ଯାତ୍ରୀଙ୍କୁ ଧରି ଏକ ଘରୋଇ ବସ୍ ନଂ- ଓଆର.୦୨-ଏଚ- ୪୯୦୫ ପୁରୀ ଅଭିମୁଖେ ଆସୁଥିଲା। ତେବେ ସକାଳୁ ଗଡ଼ଖୋର୍ଦ୍ଧା ଛକ ନିକଟରେ ପରିଶ୍ରା ନିମନ୍ତେ ଗାଡ଼ିକୁ ଡ୍ରାଇଭର ଅଟକାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ହାଇୱା ନଂ ଓଡି.୦୯ ପି-୦୬୩୭ ଉକ୍ତ ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଇଥିବା ବେଳେ ପଛରୁ ଆସୁଥିବା ଏକ ଟାଟାଏସଇ ପୁନର୍ବାର ଧକ୍କା ହୋଇଥିଲା। ଏଥିରେ ବସ୍‌ରେ ଥିବା ୪ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ଟାଟାଏସିଇ ଡ୍ରାଇଭର ଓ ହେଲପର ମଧ୍ୟ ଆହତ ହୋଇଥିଲେ। ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ପୁଲିସ ଘଟଣାସ୍ଥଳରେ ପହଁଞ୍ଚିଚ ଉଦ୍ଧାର କାର୍ଯ୍ୟ କରିଥିଲେ।

## ଖଣିରେ ଚଢ଼ଉ; ପାୱାରଟିଲର ଜବତ

**ଖୋର୍ଦ୍ଧା, ୨।୨(ସମିସ):** ସଦରଥାନା ଅନ୍ତର୍ଗତ ବଙ୍ଗିଦା ଖଣିରେ ପୁଲିସ ଚଢ଼ଉ କରି ବେଆଇନ ପଥର କଟାରେ ନିୟୋଜିତ ଏକ ପାୱାରଟିଲରକୁ ଜବତ କରିଛି। ପୁଲିସର ଚଢଉ ଦେଖି ପଥର ମାଫିଆମାନେ ଖସିଯାଇଥିବା ବେଳେ ଏନେଇ ସଦର ପୁଲିସ ୩୨/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବିଦ୍ୟାଳୟ ଓ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବେଗୁନିଆ, ୨।୨(ସମିସ):** ଜିଲ୍ଲାସ୍ତରରେ ୩ ଟି ବିଦ୍ୟାଳୟ ମଧ୍ୟରୁ ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତଲତା ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ଶାନ୍ତନୁ ପାଇକରାୟ ଓ ପରିଚାଳନା କମିଟିର ସଭାପତି ଶିବ କୁମାର ମୁନି ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଏଥିସହିତ ମାଧ୍ୟମିକ ଶିକ୍ଷକ ବର୍ଗର ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ଶିକ୍ଷା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେହିପରି ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତକୁ ମଧ୍ୟ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନକୁ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଗ୍ରହଣ କରିଥିଲେ।

## କୁରାଢମଲ୍ଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଫାଇନାଲରେ ଦେଉଳଟାଙ୍ଗି

**ଖୋର୍ଦ୍ଧା, ୨।୨(ସମିସ):** ଖୋର୍ଦ୍ଧା ବ୍ଲକ କୁରାଢମଲ୍ଲ ପଞ୍ଚାୟତ ଅନ୍ତର୍ଗତ କୁରାଢମଲ୍ଲ ମା' ବାଉତୀ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ପ୍ରଥମ କର୍କବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମା'ବଘେଇ କ୍ରିକେଟ ଆସୋସିଏସନ୍ ଦେଉଳଟାଙ୍ଗି ଓ ମା'ବାଉତୀ କ୍ରିକେଟ ଆସୋସିଏସନ୍ କୁରାଢମଲ୍ଲ ମଧ୍ୟରେ ହୋଇଥିଲା। ପ୍ରଥମେ ଦେଉଳଟାଙ୍ଗି ଦଳ ବ୍ୟାଟିଂ କରି ୨୦ ଓଭର ଖେଳି ୫ ୱିକେଟ୍ ବିନିମୟରେ ୧୮୬ ରନ୍ କରିଥିଲା।

ଜବାବରେ କୁରାଢମଲ୍ଲ ଦଳ ୧୯.୪ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଫଳରେ ଦେଉଳଟାଙ୍ଗି ଦଳ ୪୬ରନ୍‌ରେ ବିଜୟୀ ହୋଇ ଫାଇନାଲରେ ଉନ୍ନତି ହେଇଥିଲା। ଦେଉଳଟାଙ୍ଗି ଦଳର ଗୋପିନାଥ ମାଝି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଝଜ ସାମନ୍ତରାୟ ଓ ପ୍ରଶାନ୍ତ କୁମାର ମାର୍ଥା ପରିଚାଳନା କରିଥିବା ବେଳେ ସ୍କୋରର ପଞ୍ଚାନନ ମାପିସ୍ତ, ଜିତେନ୍ଦ୍ର ପ୍ରଧାନ, ରଞ୍ଜନ ନାୟକ, ତାପସ କାଳିଆ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଜ୍ୟୋତି ଶଙ୍କର ପରିଡ଼ା, ଗୋପିନାଥ ମହାରଥୀ, ନାରାୟଣ ଭ୍ରମରବରରାୟ, ରବୀନ୍ଦ୍ରନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବାଣପୁର ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଘଟଣା

# ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ

**ବାଣପୁର, ୨।୨(ସମିସ):** ବିଡିଓଙ୍କ ମନମାନି ଓ ପ୍ରାୟତଃ ଅନୁପସ୍ଥିତିକୁ ବିରୋଧ କରି ଗୁରୁବାର ସକାଳୁ ବାଣପୁର ବ୍ଲକ ଅଧ୍ୟକ୍ଷଙ୍କ ସମେତ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସି ଥିଲେ। ଘଟଣାରେ ଶୁକ୍ରବାର ଖୋର୍ଦ୍ଧା ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ହସ୍ତକ୍ଷେପ କରିବାରେ ଧାରଣ ପ୍ରତ୍ୟାହୃତ ହୋଇଛି।

ପ୍ରକାଶ ଯେ, ବାଣପୁର ବିଡିଓ ଶୀତଳ ଅଗ୍ରୱାଲ ଅଧିକାଂଶ ସମୟ କାର୍ଯ୍ୟାଳୟକୁ ନ ଆସିବା, ଲଗାତାର ମନଇଚ୍ଛା ଛୁଟିରେ ରହିବା ସହ ଜିଲ୍ଲାପାଳ ଏବଂ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ବିଡିଓ ମନମାନି ଚଳାଇ ନିର୍ବାଚିତ ଜନ ପ୍ରତିନିଧି ତଥା ସମିତି ସଭ୍ୟ ଏବଂ ସରପଞ୍ଚଙ୍କୁ ଅଣଦେଖା ଓ ଅବହେଳା କରୁଥିବା ଭଳି ସଙ୍ଗୀନ ଅଭିଯୋଗ କରି ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହଙ୍କ ସମେତ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ମାନେ ଧାରଣା ଦେଇ ବସିଥିଲେ। ବ୍ଲକ କାର୍ଯ୍ୟାଳୟରେ ତାଲା ପଡ଼ିବା ଦ୍ୱାରା କାର୍ଯ୍ୟରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନସାଧାରଣ ଫେରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ତେବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ବାଣପୁର ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।ଏସମ୍ପର୍କରେ ବିଡିଓ ଶୀତଲ ଅଗ୍ରୱାଲଙ୍କୁ ପଚାରିବା ରେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। ଶୁକ୍ରବାର ଉପ ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘଟଣାରେ ହସ୍ତକ୍ଷେପ କରି ବିଡିଓ ଏବଂ ଜନ ପ୍ରତିନିଧିମାନେ ମିଳି ମିଶି କାମ କରିବେ ବୋଲି ନିର୍ବାଚିତ ଜନ ପ୍ରତିନିଧିଙ୍କୁ ବୁଝାସୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଜିଲ୍ଲାପାଳ ଶ୍ରୀ ସେଠୀଙ୍କ ସହ ବାଲୁଗାଁ ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା ଓ ବାଣପୁର ଆଇଆଇସି ରମେଶ କୁମାର ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା ଭୂତଳ ରାସ୍ତା କାର୍ଯ୍ୟ: ଏଥର ବନ୍ଦ ହେବ ରେଳ ଫାଟକ

**ନିରାକାରପୁର, ୨।୨(ସମିସ):** ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ କାଶିପୁର ରେଳ ଫାଟକ ନିକଟରେ ଭୂତଳ ରାସ୍ତା ନିର୍ମାଣ ଶେଷ ହୋଇଛି। ଏହି ସ୍ଥାନରେ ରେଳ ଧାରଣା ସମ୍ପୂର୍ଣ କଢ଼ାଯାଇ ପ୍ରୋକଲିନ ସାହାଯ୍ୟରେ ମାଟି ଖୋଳି ଭୂତଳ ରାସ୍ତା ନିର୍ମାଣ ପାଇଁ ନିର୍ମିତ ସିମେଣ୍ଟ କଂକ୍ରିଟ ପୋଲକୁ ଖଞ୍ଜା ଯାଇଥିଲା। ଭବିଷ୍ୟତକୁ ଆଖିରେ ରଖି ଉକ୍ତ ସ୍ଥାନରେ ତିନି ରେଳ ଧାରଣା ପାଇଁ ପୋଲ ପକା କାର୍ଯ୍ୟ ଶେଷ ହୋଇଛି। ଏହି କାର୍ଯ୍ୟ ଚାଲିଥିବା ବେଳେ



ଖୋର୍ଦ୍ଧା ରେଳ ଡିଭିଜନ ଡିଆର୍‌ଏମ ଏବଂ ବହୁ ପଦାଧିକାରୀ, ଯନ୍ତ୍ରୀ ଉପସ୍ଥିତ ଥିଲେ। ଏହି ରେଳଧାରଣର ଉଭୟ ପାର୍ଶ୍ୱରେ ଗାଡିମଟର ଯାତାୟାତ ପାଇଁ ରାସ୍ତା କାର୍ଯ୍ୟ ଶେଷ ହେଲେ କାଶିପୁର ରେଳ ଫାଟକକୁ ବିଭାଗ ତରଫରୁ ବନ୍ଦ କରାଯିବ ବୋଲି ଜଣାପଡ଼ିଛି।

ପ୍ରକାଶ ଥାଉ କି ବହୁ ଦାବି ଓ ଧାରଣା ପରେ ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳ ଷ୍ଟେସନର ଦକ୍ଷିଣ ଦିଗରେ ଥିବା କାଶିପୁର ରେଳ ଫାଟକ ରଖାଯାଇଥିବ ବେଳେ ପୁନର୍ବାର ଏହାକୁ ବନ୍ଦ କରାଯିବା ପାଇଁ ନିକଟରେ ଏକ ଅଣ୍ଡରଗ୍ରାଉଣ୍ଡ କାର୍ଯ୍ୟ ଚାଲିଥିଲା।

# ମିଶନ ଶକ୍ତି ପକ୍ଷରୁ ଓଡ଼ିଆ କବି ସମ୍ମିଳନୀ

**ଜଟଣୀ, ୨।୨(ସମିସ):** ଜଟଣୀ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ମିଶନ ଶକ୍ତି ସ୍ୱୟଂ ସହାୟକ ସଂଘ ସଭ୍ୟାମାନଙ୍କ ସୃଜନଶିଳତା ଆଧାରିତ ଏକ ମିଶନ ଶକ୍ତି ଓଡିଆ କବି ସମ୍ମିଳନୀ -୨୦୨୪ ଆୟୋଜିତ ହୋଇଯାଇଛି। ପଞ୍ଚାୟତ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥୀଭାବେ ଶିଶୁ ବିକାଶ ଅଧିକାରିଣୀ ସଞ୍ଜୁଲତା ନାଏକ, ସରକାରୀ ଉଚ୍ଚବିଦ୍ୟାଳୟ ସହକାରୀ ଶିକ୍ଷୟତ୍ରୀ ଶୁଭସ୍ମିତା ପଟ୍ଟଯୋଶୀ ବିଚାରକଭାବେ ଯୋଗ ଦେଇଥିଲେ। ମିଶନ ଶକ୍ତିର ୨୬ଜଣ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। କବି ସନ୍ତୋଷ କୁମାର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଦୀପକ କୁମାର ସାହୁ, ଶିବରାମ ପାତ୍ର, କିରଣ ଜେନା ଓ ବେବି ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏହି କବିତା ପ୍ରତିଯୋଗିତାରେ ମିଶନ ଶକ୍ତି କବିତା ପାଠ ପ୍ରତିଯୋଗିତା ଲାଗି ସଂଯୁକ୍ତା ସୁନ୍ଦରାୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଧୁନିକ ନାରୀର କର୍ଷଣ କବିତାଲାଗି ନିଖତ ସୁଲତାନା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି 'ଆମ ଓଡ଼ିଶା ନବୀନ ଓଡ଼ିଶା' ପାଇଁ ସନ୍ଧ୍ୟାରାଣୀ ପାଇକରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ■ ସୋମନାଥ ବାଲୁଙ୍କେଶ୍ୱରଦେବ ମହିଳା ବିଦ୍ୟାଳୟ

# ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଜଟଣୀ, ୨।୨(ସମିସ):** କନ୍ତିଆସ୍ଥିତ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହିଳା ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ଜେନା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ସାମନ୍ତରାୟ, ବିଷ୍ଣୁ ବଳିଆରସିଂହ, ଜଗନ୍ନାଥ ପ୍ରଧାନ, ସନ୍ତୋଷ ପ୍ରଧାନ, ଜୟନ୍ତ ସାହୁ, ପୁଷ୍ପିତାରାଣୀ ଦାସ, ବେବିନା ସେଠୀ, ଅଧ୍ୟାପିକା ସୌଦାମିନୀ ବେହେରା, କଲ୍ୟାଣୀ ପଟ୍ଟନାୟକ, ମଞ୍ଜୁଲତା ସାହୁ ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ଦୁଇ ଜଣ ଟ୍ରେନର ବୈଶାଖୀ ସାହୁ ଓ ସୋନାଲି ସାମନ୍ତସିଂହାର ଯୋଗଦେଇ ଆଧୁନିକ ଯୁଗରେ ଛାତ୍ରୀମାନେ କିପରି ନିଜକୁ ଆତ୍ମରକ୍ଷା କୌଶଳ ମାଧ୍ୟମରେ ସୁରକ୍ଷିତ ରଖିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଅଧ୍ୟାପକ ସୁଶାନ୍ତ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ୨ନଂ ଜୋନ୍‌ରେ ବିଜେଡିର ବାଇକ୍ ଶୋଭାଯାତ୍ରା



**ଖୋର୍ଦ୍ଧା, ୨।୨(ସମିସ):** ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨ନଂ ଜୋନର ବିଭିନ୍ନ ପଞ୍ଚାୟତରେ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ଶୁକ୍ରବାର ବାଇକ୍ ଶୋଭାଯାତ୍ରା କରିଛନ୍ତି। ଜନସମ୍ପର୍କ ଓ ହୃଦୟଯୋଡ଼ ଯାତ୍ରାରେ ବାଇକ ଶୋଭାଯାତ୍ରାରେ ଘରକୁଘର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ତାର ସଫଳ ରୂପାୟନ ସମ୍ପର୍କରେ ଅବଗତ କରାଇଥିଲେ। ଶୋଭାଯାତ୍ରା ୨ନଂ ଜୋନର କୁରାଢମଲ୍ଲ, କାଇପଦର, ବଙ୍ଗିଦା, ପଲ୍ଲାତୋଟାପଡ଼ା, ବାଜପୁର ଏବଂ ନନ୍ଦପୁର ପଞ୍ଚାୟତର ବିଭିନ୍ନ ୱାର୍ଡକୁ ପରିକ୍ରମା କରି ବିଜୁ ଜନତା ଦଳର ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ କୁରାଢମଲା ପଞ୍ଚାୟତର ସୀତୁ ସାମନ୍ତରାୟ, ନିଲୁ ପରିଡ଼ା, ତପନ ସୁବୁଦ୍ଧି, ପଲ୍ଲାତୋଟାପଡ଼ା ପଞ୍ଚାୟତର ହାପି ପ୍ରଧାନ, ଚିତରଞ୍ଜନ ମହାରଥୀ, ନନ୍ଦପୁର ପଞ୍ଚାୟତ ର ଅନୁ ସୁନ୍ଦରାୟ, ମାନସ ରଞ୍ଜନ ମହାପାତ୍ର, ରବୀନ୍ଦ୍ର ମିଶ୍ର, ବାଜପୁର ପଞ୍ଚାୟତ ର ବିକ୍ରମ ସାହୁ, ସୁବ୍ରତ ଜୟସିଂହ, ସଞ୍ଜୟ ଜୟସିଂହ, ଦିଲ୍ଲୀପ କୁମାର କାଣ୍ଡି, କାଇପଦର ପଞ୍ଚାୟତର ବାପି ଚମ୍ପତିରାୟ, ବୀରେନ୍ଦ୍ର ମହାପାତ୍ର, ଜିତୁ ଜୁଝାରସିଂହ, ବଙ୍ଗିଦା ପଞ୍ଚାୟତର ପପୁ ମାର୍ଥା, ଅବନୀ କାନ୍ତ ପ୍ରଧାନ ଏବଂ ଉପେନ୍ଦ୍ର ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# ଆର୍ଦ୍ରଭୂମିର ସଂରକ୍ଷଣ ଦିଗରେ ସଚେତନ ହେବା ଆବଶ୍ୟକ



**ବାଲୁଗାଁ, ୨।୨(ସମିସ):** ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବିଭାଗ ତରଫରୁ ଶୁକ୍ରବାର ସ୍ଥାନୀୟ ବରକୁଳ ସ୍ଥିତ ଗବେଷଣା କେନ୍ଦ୍ର ତଥା (ସିଡିଏ) କାର୍ଯ୍ୟାଳୟ ପରିସରରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଏସିଏଫ ରଶ୍ମି ରଞ୍ଜନ ଚୌଧୁରୀଙ୍କ ସଭାପତିତ୍ୱ ରେ ଆୟୋଜିତ ସମାରୋହରେ ଅତିଥି ଭାବେ ବାଲୁଗାଁ ବନ୍ୟ ପ୍ରାଣୀ ଡିଏଫଓ ଅମ୍ଳାନ କୁମାର ନାୟକ ଏବଂ ଭଞ୍ଜନଗର ଘୁମୁସରା ରେଞ୍ଜ ଡିଏଫଓ ବିନୋଦ ଆଚାର୍ଯ୍ୟ, ବାଲୁଗାଁ ରେଞ୍ଜର ରଶ୍ମିତା ଜେନା ପ୍ରମୁଖ ଯୋଗ ଦେଇ ରାମସାର ମାନ୍ୟତା ଲାଭ କରିଥିବା ବିଶ୍ୱର ଅନ୍ୟତମ ପ୍ରମୁଖ ହ୍ରଦ ଚିଲିକାର ଜୈବ ବିବିଧତା, ଏହାର ସଂରକ୍ଷଣ, ସୁରକ୍ଷା, ବୈଜ୍ଞାନିକ ଗବେଷଣା, ଅଧ୍ୟୟନ ତଥା ଏସମ୍ପର୍କିତ ବିଭିନ୍ନ ଗଠନ ମୂଳକ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ଏଥିସହ ଦୂଷିତ ପରିବେଶ ଯୋଗୁ ଦିନକୁ ଦିନ ଆର୍ଦ୍ର ଭୂମିର ପରିମାଣ ହ୍ରାସ ପାଇବାରେ ଲାଗିଛି,। ତେଣୁ ଆର୍ଦ୍ର ଭୂମିର ସଂରକ୍ଷଣ ଦିଗରେ ମାନବ ସମାଜ ସଚେତନ ହେବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଇ ସଚେତନତା କରାଯାଇଥିଲା। ଏଥିସହିତ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସିଡିଏ କର୍ମଚାରୀ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିରାକାରପୁର କଲେଜରେ ସାମ୍ବତ୍ସରିକ ଉତ୍ସବ

# କ୍ଷେତ୍ରବାସୀ ଥିଲେ ତ୍ୟାଗ ଓ ଉତ୍ସର୍ଗର ପ୍ରତୀକ




**ନିରାକାରପୁର, ୨।୨(ସମିସ)**

ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ଦୃଢ଼ ସଂକଳ୍ପ ଓ ସାଧନାର ଆବଶ୍ୟକତାର ଜରୁରୀ। କ୍ଷେତ୍ରବାସୀ ରାଉତରାୟ ଥିଲେ ତ୍ୟାଗ ଓ ଉତ୍ସର୍ଗର ପ୍ରତୀକ ବୋଲି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କ୍ଷେତ୍ରବାସୀ ଡି ଏ ଭି ମହାବିଦ୍ୟାଳୟ କ୍ଷେତ୍ରବାସୀ ଜୟନ୍ତୀ ଓସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ ସଞ୍ଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅଧ୍ୟକ୍ଷା ବ୍ରତତୀ ମିଶ୍ର ବିବରଣୀ ଉପସ୍ଥାପନ କରି ଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର୍ ଦାଶ ବେନହୁର ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା କଥାଶିଳ୍ପୀ ନିରଞ୍ଜନ ସାହୁ ଛାତ୍ରଛାତ୍ରୀଙ୍କୁ ଅଧ୍ୟବସାୟ ବଳରେ ସଫଳତା ପାଇବା ପାଇଁ ଉତ୍ସାହିତ କରିଥିଲେ। ଅତିଥିମାନେ ମହାବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଛାତ୍ରଛାତ୍ରୀ ସ୍ୱର୍ଗତ କ୍ଷେତ୍ରବାସୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସମାଜର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରତିଷ୍ଠାତା କ୍ଷେତ୍ରବାସୀ ରାଉତରାୟଙ୍କ ଅଣନାତି ଶାନ୍ତନୁ ରାଉତରାୟ ଯୋଗଦେଇ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ। ଜୟନ୍ତୀ କମିଟି ଆବାହିକା ପ୍ରଧାପିକା କାଦମ୍ବିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଚନ୍ଦନ କୁମାର ମିଶ୍ର, ସୌରଭ ମହାପାତ୍ର, ଡ.ଜୟନ୍ତ ବାନାର୍ଜୀ, ଡ. ପ୍ରଭାତ ଦାଶ, ଅଧ୍ୟାପିକା ଅଞ୍ଜୁଳ ତ୍ରିପାଠୀ, ଡ କୌଶଲ୍ୟା ନାୟକ, ହର ପ୍ରସନ୍ନ ତ୍ରିପାଠୀ, ଅଶୋକ ପାତ୍ର, ଡ.କୈବଲ୍ୟ ପତି ଓ ପୁଣ୍ୟଦର୍ଶନ ସାହୁ ସହଯୋଗ କରିଥିଲେ। ଏହି ଅବସରରେ କଲେଜର କଲେଜ କ୍ୟାଲେଣ୍ଡର ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି।

## ସମାଧି ପୀଠରେ ସମୂହ ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଠାରେ ଆଜି ଦାନବୀର କ୍ଷେତ୍ରବାସୀ ରାଉତରାୟ ଙ୍କ ସମାଧି ପୀଠ ଠାରେ ସମୂହ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ହୋଇଯାଇଛି। ଇସ୍ୱାର୍ଡ ସାମାଜିକ ଅନୁଷ୍ଠାନ ନିରାକାରପୁର ଓ କ୍ଷେତ୍ରବାସୀ ସ୍ମୃତି ସଂସଦ ପକ୍ଷରୁ ନିରାକାରପୁର ସ୍ଥିତ ରାଉତରାୟ ବଗିଚା।



ସମାଧି ପୀଠ ଠାରେ କ୍ଷେତ୍ରବାସୀ ସ୍ମୃତି ସଂସଦ ଆବାହକ ଶଙ୍କର୍ଷଣ ପ୍ରଧାନ ଙ୍କ ପୌରୋହିତ୍ୟ ରେ ଇସ୍ୱାର୍ଡ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ବ୍ରତତୀ ମିଶ୍ର, ନିରାକାରପୁର ସାମ୍ବାଦିକ ସଂଘ ସଭାପତି ଦୀପକ ପ୍ରଧାନ, ୧୨ ନମ୍ବର ବିଜେପି ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ସମାଜସେବୀ ସୁକେଶ ସେନାପତି, ରାମଦୟା ପରିଷଦ ଉପ ସଭାପତି ସତ୍ୟବାଦୀ ବଳବନ୍ତରାୟ, ଯୁଗ୍ମ ସମ୍ପାଦକ ସାରଙ୍ଗଧର ବଳିୟାରସିଂହ, ଅଧ୍ୟାପକ ଅଧ୍ୟାପିକା, ଅଞ୍ଚଳର ବୁଦ୍ଧିଜୀବୀ, ସମର ଶିକ୍ଷାର୍ଥୀ ବାହିନୀ ଓ ସ୍କାଉଟ ଗାଇଡ ଛାତ୍ରଛାତ୍ରୀ ସମୂହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

